୬ ବିଜୟ ହଜାରେ ଟ୍ରଫି : ୩୮ ଅଧିନାୟକଙ୍କ ଭିତରେ ରିଙ୍କୁ ସିଂ ନମ୍ବର ୱାନ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୩୫ ● ୨ ଜାନୁଆରୀ ୨୦୨୬, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-335 ● 2nd January 2026, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଇଂରାଜୀ ନୂଆବର୍ଷ ଆରମ୍ଭରେ ଟାର୍ଗେଟ ଦେଲେ ମୁଖ୍ୟମନ୍ତ୍ରୀ

# ପ୍ରଶାସନକୁ କ୍ରିୟାଶୀଳ ଓ ଲୋକାଭିମୁଖୀ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ୧୫ ନିର୍ଦ୍ଦେଶନାମା

**ଭୁବନେଶ୍ୱର, ୧।୧**

**ନ୍ୟୁଜ୍ ବ୍ୟୁରୋ**

ନୂଆ ବର୍ଷରେ ରାଜ୍ୟ ପ୍ରଶାସନକୁ ଅଧିକ କ୍ରିୟାଶୀଳ ଓ ଲୋକାଭିମୁଖୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଜନା କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଏକ ପନ୍ଦର-ଦଫା ସମ୍ବଳିତ ନିର୍ଦ୍ଦେଶାବଳି ପ୍ରଦାନ କରିଛନ୍ତି।

ଏହି ଦିଶା-ନିର୍ଦ୍ଦେଶରେ 'ଓଡିଶା ଭିଜନ ଡକ୍ୟୁମେଣ୍ଟ'ରେ ଆସନ୍ତା ଦୁଇବର୍ଷ ପାଇଁ ସରକାର ରେଖାଙ୍କିତ ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୩୬ ସୁଦ୍ଧା ୫୦୦ ବିଲିୟନ ଆମେରିକୀୟ ଡଲାର ଅର୍ଥନୀତି ସହିତ ସମୃଦ୍ଧ ଓଡିଶା ଗଠନ ଏବଂ ଓଡିଶାକୁ ଶ୍ରେଷ୍ଠ ପାଞ୍ଚଗୋଟି ବିକଶିତ ରାଜ୍ୟ ମଧ୍ୟରେ ଆଣିବାକୁ ରାଜ୍ୟକୁ ଏକ 'ମିଶ୍ରିତ ଅର୍ଥନୀତି' ଆଡକୁ ନେବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଜ୍ଞାନ-ପରିଚାଳିତ ଶିଳ୍ପ ତଥା ସେବା କ୍ଷେତ୍ରକୁ ମୁଖ୍ୟମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଇ ଏହାର ଦ୍ରୁତ ବିକାଶ ପାଇଁ କାର୍ଯ୍ୟ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଶିଳ୍ପାୟନର ଦ୍ରୁତ ବିକାଶ ପାଇଁ ସବୁ ଜିଲ୍ଲାପାଳଙ୍କୁ ବିଭିନ୍ନ ପ୍ରକ୍ରିୟାକୁ ଫାଷ୍ଟଟ୍ରାକ କରିବାକୁ ଏହି ନିର୍ଦ୍ଦେଶାବଳୀରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ଆସନ୍ତା ଦୁଇବର୍ଷ *(ପୃଷ୍ଠା ୭ରେ)*



# ଭାରତ ଭଳି ଏକ ଯୁବ ରାଷ୍ଟ୍ର ପାଇଁ ଏଆଇ ଏକ ପ୍ରକୃଷ୍ଟ ସୁଯୋଗ: ଦ୍ରୌପଦୀ ମୁର୍ମୁ

**ବାରିପଦା/ଭୁବନେଶ୍ୱର, ୧।୧**

**ନ୍ୟୁଜ୍ ବ୍ୟୁରୋ**




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍କିଲ୍ ଦ ନେସନ୍ ଚ୍ୟାଲେଞ୍ଜର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ ଓଡ଼ିଶାର ରାଇରଙ୍ଗପୁରରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଏବଂ ଦକ୍ଷତା କେନ୍ଦ୍ରକୁ ଆଭାସୀ ମାଧ୍ୟମରେ ମଧ୍ୟ ଉଦଘାଟନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିଶ୍ୱବ୍ୟାପୀ ଅର୍ଥବ୍ୟବସ୍ଥା ଏବଂ ସମାଜକୁ ନୂଆ ଆକାର ଦେଉଛି। ଆମେ କିପରି ଶିଖୁଛୁ, କିପରି କାମ କରୁଛୁ, ଆଧୁନିକ ସେବା କିପରି ପାଇପାରୁଛୁ ଏବଂ ମାନବତାର ସବୁଠାରୁ ବଡ଼ ଆହ୍ୱାନକୁ କିପରି ମୁକାବିଲା କରୁଛୁ ତାହାକୁ ଏଆଇ ପ୍ରଭାବିତ କରୁଛି। ଭାରତ ଭଳି ଏକ ଯୁବ ରାଷ୍ଟ୍ର ପାଇଁ, ଏଆଇ କେବଳ ଏକ ପ୍ରଯୁକ୍ତିବିଦ୍ୟା ନୁହେଁ ବରଂ ସକାରାତ୍ମକ ପରିବର୍ତ୍ତନ ପାଇଁ ଏକ ପ୍ରକୃଷ୍ଟ ସୁଯୋଗ।

ରାଷ୍ଟ୍ରପତି କହିଥିଲେ, ପ୍ରଯୁକ୍ତିବିଦ୍ୟା ଲୋକଙ୍କୁ ସଶକ୍ତ କରିବା, ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ବିସ୍ତାର କରିବା ଉଚିତ। ଭାରତ ସବୁବେଳେ ଏହି ଆଭିମୁଖ୍ୟକୁ ଗ୍ରହଣ କରି ଆସିଛି। ସାମାଜିକ, ଆର୍ଥିକ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଜନକୁ ଦୂର କରିବା ଲକ୍ଷ୍ୟରେ ଏଆଇର ଉପଯୋଗ କରାଯିବା ଉଚିତ୍। ଏହାର ଲାଭ ସମସ୍ତ ପୃଷ୍ଠଭୂମି ଏବଂ ବୟସର ଲୋକ, ବିଶେଷକରି ଉପେକ୍ଷିତ ସମ୍ପ୍ରଦାୟଙ୍କ ପାଖରେ ନିଶ୍ଚିତ ଭାବେ ପହଞ୍ଚିବା ଆବଶ୍ୟକ।

ଛାତ୍ରଛାତ୍ରୀମାନେ ସମ୍ଭାବନା ଏବଂ ସୁଯୋଗରେ ପରିପୂର୍ଣ୍ଣ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଦେଖି ରାଷ୍ଟ୍ରପତି ଖୁସିବ୍ୟକ୍ତ କରିଥିଲେ। ପ୍ରଯୁକ୍ତିବିଦ୍ୟା ସହିତ ସେମାନଙ୍କର ଜ୍ଞାନ ଏବଂ ଦକ୍ଷତା ସମାଜର ସେବା କରିବା, ସମସ୍ୟାର ସମାଧାନ ଖୋଜିବା ଏବଂ ଅନ୍ୟମାନଙ୍କୁ ସଶକ୍ତ କରିବା ପାଇଁ ବ୍ୟବହାର କରାଯିବା ଉଚିତ ବୋଲି ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେ ଏଆଇ ଶିକ୍ଷଣ ମଡ୍ୟୁଲ୍ ସମାପ୍ତ କରିଥିବା ସାଂସଦମାନଙ୍କୁ ପ୍ରଶଂସା କରିଥିଲେ। ସେ କହିଥିଲେ, ସେମାନେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ବିଷୟରେ ନିଜେ ଶିଖିବା ସହିତ ଶିକ୍ଷା ମାଧ୍ୟମରେ ନେତୃତ୍ୱର ଏକ ଉଦାହରଣ ପ୍ରସ୍ତୁତ କରିଛନ୍ତି।

ରାଷ୍ଟ୍ରପତି କହିଥିଲେ, କୃତ୍ରିମ ବୁଦ୍ଧିମତ୍ତା ଭାରତୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ବାହକ ରୂପେ ଉଭା ହେଉଛି। *(ପୃଷ୍ଠା ୭ରେ)*

# ୬ ଯାଏଁ ରାଜ୍ୟରେ ଘନ କୁହୁଡ଼ି

**ଭୁବନେଶ୍ୱର, ୧।୧ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର କିଛି ସ୍ଥାନରେ ଘନରୁ ଅତି ଘନ କୁହୁଡ଼ି ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ପାଣିପାଗ ସଂସ୍ଥା ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଜଗତସିଂହପୁର, ପୁରୀ, କେନ୍ଦ୍ରାପଡ଼ା, ଅନୁଗୁଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୟାଗଡ଼, ଯାଜପୁର, କଟକ ଏବଂ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଘନ କୁହୁଡ଼ି ରହିପାରେ। କନ୍ଧମାଳ, ଗଜପତି, ଗଞ୍ଜାମ, ସମ୍ବଲପୁର, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ରେ ମଧ୍ୟ ଘନ କୁହୁଡ଼ି ହେବାର *(ପୃଷ୍ଠା ୭ରେ)*

# ନୂଆବର୍ଷ ପାଳନ ବେଳେ ବଡ଼ ବିସ୍ଫୋରଣ: ୪୦ରୁ ଊର୍ଦ୍ଧ୍ୱ ମୃତ

**ବର୍ନ, ୧।୧**

ସ୍ୱିଜରଲାଣ୍ଡର ପ୍ରସିଦ୍ଧ ସହର କ୍ରାନ୍ସ-ମୋଣ୍ଟାନାରେ ନୂତନ ବର୍ଷ ପାଳନ ସମୟରେ ଏକ ବାରରେ ବିସ୍ଫୋରଣ ଘଟିଛି ଏଥିରେ ୪୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ବେଳେ ଅନେକ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି।

ଭାଲାଇସ କାଣ୍ଟନ ପୋଲିସ ଅନୁଯାୟୀ, ନୂତନ ବର୍ଷ ପାଳନ ସମୟରେ କ୍ରାନ୍ସ-ମୋଣ୍ଟାନାରେ 'ଲେ କନଷ୍ଟେଲେସନ' ନାମକ ବାରରେ ଗୋଟିଏ କିମ୍ବା ଅଧିକ ବିସ୍ଫୋରଣ ଘଟିଥିଲା ଏବଂ ତା'ପରେ ଏକ ବଡ଼ ଅଗ୍ନିକାଣ୍ଡ ଘଟିଥିଲା। ପ୍ରାୟ ୧.୩୦ ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ସେହି ସମୟରେ ବାରରେ ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ।



ପୋଲିସ ମୁଖପାତ୍ରଙ୍କ ସୂଚନା ଅନୁସାରେ ବିସ୍ଫୋରଣର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଘଟଣାରେ ଅନେକ ଲୋକ ଆହତ ହୋଇଛନ୍ତି ଏବଂ ଅନେକଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି। ଦୁର୍ଘଟଣା ବିଷୟରେ ସୂଚନା ପାଇବା ପରେ ଘଟଣାସ୍ଥଳରେ ବହୁ ସଂଖ୍ୟକ ଉଦ୍ଧାରକାରୀ ଦଳ ପହଞ୍ଚିଥିଲେ। ଅନେକ ଆମ୍ବୁଲାନ୍ସ *(ପୃଷ୍ଠା ୭ରେ)*

# ପାକିସ୍ତାନକୁ ଚେତାବନୀ ଦେଲେ ସେନା ମୁଖ୍ୟ

**ନୂଆଦିଲ୍ଲୀ, ୧।୧**

ଗତ ବର୍ଷ, ପାକିସ୍ତାନ କଶ୍ମୀରର ପହଲଗାଓଁରେ ଏକ କାପୁରୁଷ ଆତଙ୍କବାଦୀ ଆକ୍ରମଣ କରିଥିଲା, ଯେଉଁଥିରେ ଅନେକ ନିରୀହ ଲୋକ ପ୍ରାଣ ହରାଇଥିଲେ। ଏହା ପରେ, ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା, ପାକିସ୍ତାନରେ ପ୍ରବେଶ କରି ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ନଷ୍ଟ କରିଦେଇଥିଲେ ଭାରତୀୟ ଯବାନ। ଏହି ଅପରେସନରେ ୧୦୦ ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ। ନୂତନ ବର୍ଷ ଆରମ୍ଭ ହେବା ସହିତ, ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପାକିସ୍ତାନକୁ କଡା ଚେତାବନୀ ଦେଇଛନ୍ତି ।

ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଗୁରୁବାର ଦେଶକୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ସେ ଅପରେସନ ସିନ୍ଦୂର ଅଧୀନରେ ଭାରତର ଦ୍ରୁତ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ଏହି ଅଭିଯାନ ଏବେ ବି ଜାରି ରହିଛି। ଏକ ପୋଷ୍ଟରେ, ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଉଲ୍ଲେଖ କରିଥିଲେ ଯେ ଭାରତୀୟ ସେନା ଏକ ଦଶନ୍ଧିର ପରିବର୍ତ୍ତନ ଦେଇ ଗତି କରୁଛି।



ସେ ମିଳିତ, ସ୍ୱାବଲମ୍ବନ ଏବଂ ନବସୃଜନକୁ ଭାରତର ପ୍ରତିରକ୍ଷା ରଣନୀତିର ସ୍ତମ୍ଭ ଭାବରେ ବର୍ଣ୍ଣନା କରିଥିଲେ। ଭବିଷ୍ୟତ ପାଇଁ ସେନାକୁ ପ୍ରସ୍ତୁତ କରିବା ପାଇଁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ଚିନ୍ତାଧାରା ଗ୍ରହଣ କରିବାକୁ ଦ୍ୱିବେଦୀ ଆହ୍ୱାନ କରିଥିଲେ।

ସେନା ମୁଖ୍ୟ କହିଛନ୍ତି, "୨୦୨୬ ମସିହା ଅବସରରେ, ଭାରତୀୟ ସେନା ପକ୍ଷରୁ, ମୁଁ ସମସ୍ତ ନାଗରିକଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ଏହି ନୂତନ ବର୍ଷ ଆପଣଙ୍କ ଏବଂ ଆପଣଙ୍କ ପରିବାର ପାଇଁ ଖୁସି, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ଆଣିଦେଉ। ଭାରତୀୟ ସେନା ଅତ୍ୟନ୍ତ ସତର୍କତା ଏବଂ ଦୃଢ଼ତାର ସହିତ ରାଷ୍ଟ୍ରର ସୁରକ୍ଷା ସୁନିଶ୍ଚିତ କରୁଛି।"

## ଆଜିର ମୁଖ୍ୟ ଖବର

- ଉତ୍ତର ଭାରତରେ ଶୀତ ଲହରୀ ଓ ଘନ କୁହୁଡ଼ି।
- ସାରା ଦେଶରେ ନବବର୍ଷ ଉତ୍ସବ।
- ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନବବର୍ଷ ଶୁଭେଚ୍ଛା।
- ତମାଖୁ ଉତ୍ପାଦ ମୂଲ୍ୟ ବୃଦ୍ଧି ହେବାର ସମ୍ଭାବନା।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୫୦୬ (+୧୭)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୩୮୦ (+୧୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୧୨୯ (+୧୨)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୬ (-୧)

# ୭ ଦିନରେ ୩୨ କୋଟି ଟଙ୍କାର ମଦ ପିଇଲେ ଭୁବନେଶ୍ୱରବାସୀ

**ଭୁବନେଶ୍ୱର, ୧।୧ : ନ୍ୟୁଜ୍ ବ୍ୟୁରୋ**

ନୂଆବର୍ଷ ସ୍ୱାଗତ ଉତ୍ସବକୁ ନେଇ ସାରା ରାଜଧାନୀ ଚଳଚଞ୍ଚଳ ଥିବାବେଳେ, ମଦ ବିକ୍ରି କ୍ଷେତ୍ରରେ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଅବକାରୀ ବିଭାଗର ସୂଚନା ଅନୁଯାୟୀ, ବର୍ଷର ଶେଷ ସାତ ଦିନ ଅର୍ଥାତ୍ ବଡ଼ଦିନ (ଡିସେମ୍ବର ୨୫) ଠାରୁ 'ଜିରୋ ନାଇଟ୍' (ଡିସେମ୍ବର ୩୧) ମଧ୍ୟରେ ରାଜଧାନୀବାସୀ ପ୍ରାୟ ୩୨ କୋଟି ଟଙ୍କାର ମଦ ପିଇଛନ୍ତି।

ଏହି ସମୟରେ ପ୍ରାୟ ୨.୫ ଲକ୍ଷ ଲିଟର ବିଦେଶୀ ମଦ ବିକ୍ରି ହୋଇଛି। ବିଦେଶୀ ମଦ ସହ ତାଳ ଦେଇ ପ୍ରାୟ ୧.୫ ଲକ୍ଷ ଲିଟର ଦେଶୀ ମଦ ମଧ୍ୟ ବିକ୍ରି ହୋଇଥିବା ଜଣାପଡ଼ିଛି।ଏହା ବ୍ୟତୀତ ଯୁବପିଢ଼ିଙ୍କ ମଧ୍ୟରେ ବିୟର ଚାହିଦା ବେଶ୍ ଅଧିକ ରହିଥିଲା। ଏହି ସମୟ ମଧ୍ୟରେ ପ୍ରାୟ ୧ ଲକ୍ଷ ୭୮ ହଜାର ଲିଟର ବିୟର୍ ବିକ୍ରି ହୋଇଛି। ଉତ୍ସବର ମାହୋଲ ଯୋଗୁଁ ସହରର ବିଭିନ୍ନ କ୍ଲବ୍, ପବ୍, ଏବଂ ଅଫ୍-ସପ୍ ଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷ କରି ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ମଦର ଚାହିଦା ଆକାଶଛୁଆଁ ହୋଇଥିଲା। ଟିକସ ଆଦାୟ ଏବଂ ରାଜସ୍ୱ ଦୃଷ୍ଟିକୋଣରୁ ଅବକାରୀ ବିଭାଗ ପାଇଁ ଏହା ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି।

# ୨୦୨୭ ଅଗଷ୍ଟ ୧୫ରୁ ଗଡ଼ିବ ଦେଶର ପ୍ରଥମ ବୁଲେଟ୍ ଟ୍ରେନ୍

**ନୂଆଦିଲ୍ଲୀ, ୧।୧**

ଭାରତୀୟ ପରିବହନ କ୍ଷେତ୍ରରେ ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଘୋଷଣା ଅନୁଯାୟୀ, ଆସନ୍ତା ଅଗଷ୍ଟ ୧୫, ୨୦୨୭ରେ ଦେଶର ପ୍ରଥମ ବୁଲେଟ୍ ଟ୍ରେନ୍ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ମୁମ୍ବାଇରୁ ଅହମ୍ମଦାବାଦ ମଧ୍ୟରେ ୫୦୮ କିଲୋମିଟର ବ୍ୟାପି ଏହି ହାଇ-ସ୍ପିଡ୍ ରେଳ ପ୍ରକଳ୍ପ ଦେଶର ଯାତ୍ରୀ ପରିବହନ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବ।

ମୁମ୍ବାଇ-ଅହମ୍ମଦାବାଦ ହାଇ-ସ୍ପିଡ୍ ରେଳ କରିଡରକୁ ନିମ୍ନଲିଖିତ ପର୍ଯ୍ୟାୟରେ କାର୍ଯ୍ୟକ୍ଷମ କରାଯିବ। ସୁରଟରୁ ବିଲିମୋରା ଷ୍ଟେସନ ପ୍ରଥମ ପର୍ଯ୍ୟାୟରେ ଉଦ୍‌ଘାଟନ ହେବ।



ଭାପିରୁ ସୁରଟ ଦ୍ୱିତୀୟ, ଭାପିରୁ ଅହମ୍ମଦାବାଦ ତୃତୀୟ, ଏହା ପଛକୁ ଥାନେରୁ ଅହମ୍ମଦାବାଦ ଆଦି ଉଦଘାଟନ ହେବ।

ଏହି ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, "୨୦୨୭ ସ୍ୱାଧୀନତା ଦିବସରେ ଆପଣ ବୁଲେଟ୍ ଟ୍ରେନ୍ ଟିକେଟ୍ କିଣିପାରିବେ।" ଏହି ଟ୍ରେନ୍ ମୁମ୍ବାଇ, ଥାନେ, ଭାପି, ସୁରଟ, ଭରୁଚ୍, ବରୋଦା ଏବଂ ଅହମ୍ମଦାବାଦ ଭଳି ପ୍ରମୁଖ ସହରଗୁଡ଼ିକୁ ସଂଯୋଗ କରିବ।

ଏହି ପ୍ରକଳ୍ପର ୩୫୨ କିମି ଗୁଜରାଟ ଓ ଦାଦ୍ରା-ନଗର ହାଭେଳିରେ ଏବଂ ୧୫୬ କିମି ମହାରାଷ୍ଟ୍ରରେ ଅବସ୍ଥିତ। ପ୍ରାୟ ୪୬୫ କିମି (୮୫%) ପଥ ଏଲିଭେଟେଡ୍ ଭାୟାଡକ୍ଟ ଭାବେ ନିର୍ମିତ ହେଉଛି, ଯେଉଁଥିରୁ ୩୨୬ କିମି କାର୍ଯ୍ୟ ଶେଷ ହୋଇଛି। ୨୫ଟି ପ୍ରସ୍ତାବିତ ନଦୀ ପୋଲ ମଧ୍ୟରୁ ୧୭ଟିର ନିର୍ମାଣ ସରିଛି। *(ପୃଷ୍ଠା ୭ରେ)*

# ବଦଳିଲା ସିବିଏସ୍‌ଇ ବୋର୍ଡ ପରୀକ୍ଷା ତାରିଖ

**ନୂଆଦିଲ୍ଲୀ, ୧।୧**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ୨୦୨୬ ପାଇଁ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ସଂଶୋଧିତ ସମୟସାରଣୀ ପ୍ରକାଶ କରିଛି। ପ୍ରଶାସନିକ କାରଣରୁ ବୋର୍ଡ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା ନେଇ କୁହାଯାଇଛି । ପୂର୍ବରୁ ୩ ମାର୍ଚ୍ଚରେ ହେବାକୁ ଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ସ୍ଥଗିତ ରଖିଥିଲା।

ବୋର୍ଡ ଅନୁଯାୟୀ, ଯେଉଁ ଦଶମ ଏବଂ ଦ୍ୱାଦଶ ବିଷୟଗୁଡ଼ିକର ପରୀକ୍ଷା ପୂର୍ବରୁ ୩ ମାର୍ଚ୍ଚ, ୨୦୨୬ ରେ ହେବାକୁ ଥିଲା, ସେଗୁଡ଼ିକୁ ପ୍ରଶାସନିକ କାରଣରୁ ସ୍ଥଗିତ ରଖାଯାଇଛି। ସଂଶୋଧିତ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ରାଜଧାନୀବାସୀ ପିଇଗଲେ ଜନେ
କୋଟି କୋଟି ଟଙ୍କା ମଦ
ଖାତାଖତିଆନର ହିସାବ ଏତିକି
ଅସଲର ନାହିଁ ଗନ୍ଧ
କଳିଯୁଗେ ବୁଦ୍ଧି ମନ୍ଦ
ନିଶା ପାଣି କରି ଅଦିନେ ଝଡିବ
ମିଳିବନି ଚାରି କାନ୍ଧ।

# ୨୦୨୬ : ଲୋକଙ୍କ ସରକାର ପାଇଁ ହେବ ଆହ୍ୱାନପୂର୍ଣ୍ଣ



**■ ବିବେକାନନ୍ଦ ଜେନା**

୨୦୨୬ ବର୍ଷ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ବିଜେପି ସରକାରଙ୍କ ପାଇଁ ଅଧିକ ଚ୍ୟାଲେଞ୍ଜିଂ ବା ଆହ୍ୱାନପୂର୍ଣ୍ଣ ହେବାକୁ ଯାଉଛି। ମାତ୍ର ଉଣେଇଶ ମାସର ଶାସନ କାଳରେ ଯଦିଓ ସରକାର ଅତ୍ୟନ୍ତ ଦକ୍ଷତାର ସହ ଅନେକ ଚ୍ୟାଲେଞ୍ଜକୁ ମୁକାବିଲା କରିବାରେ ସମର୍ଥ ଓ ସଫଳତା ହାସଲ କରିଛନ୍ତି ଆଗକୁ କିନ୍ତୁ ଲାଗି ରହିଛି ଆହୁରି ବଡ଼ ବଡ଼ ଚ୍ୟାଲେଞ୍ଜ, ଯାହାକୁ ସାମ୍ନା କରିବା ଏବଂ ସେଥିରୁ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ନିଶ୍ଚିତ ଭାବେ କଠିନ ବ୍ୟାପାର ହୋଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। କେବଳ ରାଜ୍ୟ ବିଜେପି ସରକାର କିମ୍ବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପାଇଁ ୨୦୨୬ ବର୍ଷରେ ଚ୍ୟାଲେଞ୍ଜଗୁଡ଼ିକ ରହିଛି ତାହା ନୁହେଁ ଓଡ଼ିଶାର ପ୍ରମୁଖ ରାଜନୈତିକ ଦଳ ଯଥା ବିଜେଡ଼ି ଓ କଂଗ୍ରେସ ଦଳ ଓ ଏହାର ନେତାମାନଙ୍କ ପାଇଁ ମଧ୍ୟ ଅନୁରୂପ ଭାବେ ଚ୍ୟାଲେଞ୍ଜ ରହିଛି।

ଏହି ବର୍ଷରେ ଆଗକୁ ଅର୍ଥାତ୍ ଆଗାମୀ ମାର୍ଚ୍ଚ ମାସରେ ରାଜ୍ୟସଭା ନିର୍ବାଚନ, ତାପଛକୁ ପୌର ଓ ପଞ୍ଚାୟତ ନିର୍ବାଚନ ଏବଂ କଲେଜ ଛାତ୍ରସଂସଦ ନିର୍ବାଚନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଦୀର୍ଘଦିନ ଧରି ପଡ଼ି ରହିଥିବା ରାଜ୍ୟ ମନ୍ତ୍ରୀମଣ୍ଡଳର ୬ଟି ମନ୍ତ୍ରୀପଦ ପୂରଣ, ବିଭିନ୍ନ ସରକାରୀ ନିଗମ ଓ ବୋର୍ଡ ଗୁଡ଼ିକରେ ଅଧ୍ୟକ୍ଷ ଓ ସଭାପତି ନିଯୁକ୍ତି, ଜିଲ୍ଲା ଓ ରାଜ୍ୟସ୍ତରରେ ଯୋଜନା ବୋର୍ଡ଼ ଓ କମିଟିର ପୁନର୍ଗଠନ ଏଯାବତ୍ ହୋଇନପାରିଥିବା କାରଣରୁ ଯେଉଁ ପରିସ୍ଥିତି ଉପୁନ୍ନ ହୋଇଛି ତାହାକୁ ପ୍ରାଥମିକତା ଦେଇ ସମାଧାନ କରିବା ମୋହନ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବାକୁ ଯାଉଛି। କାରଣ ଏସବୁ ଉପରେ ସରକାରଙ୍କ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ କ'ଣ ହେଉଛି ତାହାକୁ ରାଜ୍ୟବାସୀ ଅର୍ଥାତ୍ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ଓ ସଚେତନ ନାଗରିକ ପର୍ଯ୍ୟନ୍ତ ସମସ୍ତେ ଦେଖିବାକୁ ଓ ଜାଣିବାକୁ ଉତ୍ସୁକତାର ସହ ଅନାଇ ବସିଛନ୍ତି।

ରାଜନୈତିକ ମହଲରେ ହେଉଥିବା ଆଲୋଚନା ଅନୁସାରେ ଆଗାମୀ ମାର୍ଚ୍ଚ ମାସରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ। ମୁନା ଖାଁ, ନିରଞ୍ଜନ ବିଶି, ସୁଜିତ କୁମାର ଓ ମମତା ମହନ୍ତ ଋରିଜଣ ରାଜ୍ୟସଭା ସଦସ୍ୟଙ୍କ କାର୍ଯ୍ୟକାଳ ପୁରି ଯାଉଥିବାରୁ ସେମାନଙ୍କ ସ୍ଥାନରେ ଓଡ଼ିଶାରୁ ଋରିଜଣ ରାଜ୍ୟସଭାକୁ ଯିବେ। ଏହି ପଦବୀ ଗୁଡ଼ିକ ମଧ୍ୟରୁ ସଂଖ୍ୟା ଅନୁସାରେ ବିଜେପି ଅନାୟସରେ ଦୁଇଟି ପଦ ହାତେଇବା ସହିତ ଆଉ ଗୋଟିଏ ପଦକୁ ମଧ୍ୟ ବିଜେଡ଼ିର ସହଯୋଗରେ ବା ବୁଝାମଣା ଭିତ୍ତିରେ ହାସଲ କରିବାକୁ ଉଦ୍ୟମ କରିପାରେ। ହେଲେ ବିଜେଡ଼ିର ଗୋଟିଏ ରାଜ୍ୟସଭା ପଦ ପାଇବା ନିଶ୍ଚିତ ଥିବାବେଳେ ଦ୍ୱିତୀୟ ପଦ ପାଇଁ କଂଗ୍ରେସର ସମର୍ଥନ ଲୋଡ଼ିବ କି ବିଜେପିକୁ ସମର୍ଥନ *(ପୃଷ୍ଠା ୭ରେ)*

# ଶହୀଦ ମାଧୋ ସିଂ ଓ ତାଙ୍କ ପରିବାରର ବଳିଦାନ ଅନସ୍ୱୀକାର୍ଯ୍ୟ

**ବରଗଡ, ନ୍ୟୁଜ ବ୍ୟୁରୋ**



ଭାରତ ବର୍ଷର ସଶସ୍ତ୍ର ସଂଗ୍ରାମରେ ଶହୀଦ ବୀର ମାଧୋ ସିଂ ଓ ତାଙ୍କ ପରିବାରର ବଳିଦାନ ଅନ ସ୍ୱୀକାର୍ଯ୍ୟ ବୋଲି ଆଜି ବରଗଡ଼ ବୀର ଛକ (ହଳଦୀ ପାଲି )ରେ ଆୟୋଜିତ ଜିଲ୍ଲା ସ୍ତରୀୟ ବୀରତା ଦିବସ ଅବସରରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଛନ୍ତି ନାଟ୍ୟକାର, ସାହିତ୍ୟିକ ଚୂଡ଼ାମଣି ରଥ । ଶହୀଦ ଓ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଝାଙ୍କର୍ ଙ୍କ ସଭାପତିତ୍ୱ ଓ ବରିଷ୍ଠ ନାଗରିକ ସଂଘ ସଭାପତି କେଦାର ମିଶ୍ରଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ରଥ ଶହୀଦ ବୀର ମାଧୋ ସିଂ ଓ ତାଙ୍କ ପରିବାରର ବଳିଦାନ ଆଜିର ଯୁବ ପିଢ଼ି କୁ ଦେଶ ମାତୃକାର ସେବା କରିବାକୁ ନିଶ୍ଚିତ ପ୍ରବର୍ତ୍ତାଇବ । ଶ୍ରୀ ରଥ ଆହୁରି ମଧ୍ୟ ନିଜର ବକ୍ତବ୍ୟରେ କହିଥିଲେ ଯେ ଶହୀଦ ବୀର ମାଧୋ ସିଂ ଏବଂ ତାଙ୍କ ଶହୀଦ ପୁତ୍ରମାନଙ୍କ ସହ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମରେ ଯେଉଁ ବୀର ମାନେ ଶହୀଦ ହୋଇଛନ୍ତି ସେମାନଙ୍କ ବୀର ଗାଥା ପାଠ୍ୟ ପୁସ୍ତକରେ ସ୍ଥାନିତ ହୋଇ ପାରିଲେ ଆମର ପର ପିଢ଼ି ଆମର ପୂର୍ବ ପୁରୁଷଙ୍କ ବଳିଦାନର ଇତିହାସ ଜାଣି ପାରନ୍ତେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ଆଜିର ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ , କାର୍ଯ୍ୟକାରୀ ସଭାପତି ଶ୍ରୀ ଝାଙ୍କର ସ୍ୱାଗତ ଭାଷଣ ଓ ଉପ ସଭାପତି ରବି ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ । ଅତିଥି ଭାବରେ ବରଗଡ ବିଡ଼ିଓ ବର୍ଷୀୟସ ଡୁଙ୍ଗ ଡୁଙ୍ଗ, ଭେଡେନ ଜମିଦାର ଶହୀଦ ମନୋହର ସିଂଙ୍କ ଦାୟାଦ ଅଶୋକ ସିଂ ଓ ଜ୍ୟୋସ୍ନାମୟୀ ସିଂ , ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଗୋବିନ୍ଦ ଦାଶ, ବରଗଡ ସାମ୍ବାଦିକ ସଂଘ ଉପ ସଭାପତି ବିରେନ୍ଦ୍ର ପ୍ରଧାନ , ମାଧୋ ସିଂ ଙ୍କ ଭୂମିକା ରେ ଥିବା ପାଣ୍ଡବ କର୍ଣ୍ଣ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଅମୂଲ୍ୟ ଭୋଇଙ୍କ ଦ୍ୱାରା ନିର୍ମିତ ଶହୀଦ ବୀର ମାଧୋ ସିଂଙ୍କ ପୂର୍ଣ୍ଣଅବୟାବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଶହୀଦ ବୀର ମାଧୋ ସିଂ ଭୂମିକା ରେ ଥିବା ଶ୍ରୀ କର୍ଣ୍ଣ, ତାଙ୍କ ପୁତ୍ର ହଟେ ସିଂ ଭୂମିକା ରେ ଥିବା ବୀରବଲ ମହାକୁର, କୁଞ୍ଜଲ ସିଂ ଭୂମିକାରେ ଥିବା ଅନନ୍ତ ମେହେର, ଐରୀ ସିଂ ଭୂମିକାରେ ଥିବା କ୍ଷୀରୋଦ ବାଗ, ବୈରୀ ସିଂ ଭୂମିକାରେ ଥିବା ଠାକୁର ବିଶ୍ୱାଳଙ୍କ ସମେତ ମନୋହର ସିଂଙ୍କ ଦାୟାଦ, ମାଧୋ ସିଂଙ୍କ ମୂର୍ତ୍ତି ତିଆରି କରିଥିବା ମୂର୍ତ୍ତିକାର ଅମୂଲ୍ୟ ଭୋଇ, ଏ ଇ ମିଶନ ସ୍କୁଲ ର ଚେୟାରମେନ ଯଶବୀର ସିଂ ଶୈନି, ବରଗଡ ଫିଜିକାଲ ଏକାଡେମିର ମୁଖ୍ୟ ସୁରେଶ ଦାଶ ତଥା ସମସ୍ତ ଅତିଥିଙ୍କୁଙ୍କୁ ଆୟୋଜକ କମିଟି ପକ୍ଷରୁ ସ୍ମାରକୀ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବୀରତା ଦିବସ ପାଇଁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ସ୍ମାରକୀ ଓ ସାର୍ଟିଫିକେଟ ଦେଇ ପୁରସ୍କୃତ କରିଥିଲେ । ପ୍ରତ୍ୟେକ ବର୍ଷ ଭଳି ଆଜି ମଧ୍ୟ ଜିଲ୍ଲା ସ୍ତରୀୟ ବୀରତା ଦିବସ ଜିଲ୍ଲା ପ୍ରଶାସନ, ଶହୀଦ ଓ ସ୍ମୃତି ସମିତି ଓ କୋଶଳ ରାଜ୍ୟ କ୍ରୀୟାନ୍ୱୟନ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶହୀଦ ଓ ସ୍ମୃତି ସମିତିରୁ ସୁରେନ୍ଦ୍ର ପଣ୍ଡା, କୋଶଳ ରାଜ୍ୟ କ୍ରୀୟାନ୍ୱୟନ କମିଟିର ଦୀପକ ରଥ ସଂଯୋଜନାରେ ସହଯୋଗ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଲଲାଟେନ୍ଦୁ ଦାଶ, କାହ୍ନୁ ଚରଣ ପୃଷ୍ଟି, ପ୍ରସନ୍ନ ପ୍ରଧାନ, ଗିରିଶ ମାଝୀ, ବରଗଡ ଜିଲ୍ଲା ଭୂତପୂର୍ବ ସୈନିକ ସଂଘ ଉପସଭାପତି ମାନସ ଚାନ୍ଦ, ସମ୍ପାଦକ ସୂର୍ଯ୍ୟ ପ୍ରସାଦ ଦାସ, ବିଭୂତି ଭୂଷଣ ଖଦଙ୍ଗା, ଓମ ପ୍ରକାଶ ଦାଶ, ନରେନ୍ଦ୍ର ନାୟକ, ଉଗ୍ରସେନ ପ୍ରଧାନ, ଗୋପବନ୍ଧୁ ସାହୁ, ଲଳିତ ସାହୁ, ସୁନିଲ ଭୋଇ, ଶିଶିର ମହାପାତ୍ର ଙ୍କ ସହ ପରେଶ୍ ବିଶି, ଲଳିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଆଜି ଭୋର୍‌ରୁ ମାଧୋ ସିଂ ଭୂମିକା ରେ ଥିବା ପାଣ୍ଡବ କର୍ଣ୍ଣ ଙ୍କ ନେତୃତ୍ୱରେ ପୁତ୍ର ହଟେ ସିଂ ଭୂମିକା ରେ ଥିବା ବୀରବଲ ମହାକୁର, କୁଞ୍ଜଲ ସିଂ ଭୂମିକାରେ ଥିବା ଅନନ୍ତ ମେହେର, ଐରୀ ସିଂ ଭୂମିକାରେ ଥିବା କ୍ଷୀରୋଦ ବାଗ, ବୈରୀ ସିଂ ଭୂମିକାରେ ଥିବା ଠାକୁର ବିଶ୍ୱାଳ ପ୍ରମୁଖ ବୀର ଶହୀଦ ମାଧୋ ସିଂଙ୍କ ଜନ୍ମ ପୀଠ ଘେଁସରୁ ମଶାଲ ଆଣି ମା ସମଲେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଗାନ୍ଧୀ ଛକରେ ପହଞ୍ଚିଥିଲେ । ମହାତ୍ମା ଗାନ୍ଧୀ, ବୀର ସୁରେନ୍ଦ୍ର ସାଏ ଓ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ । ତାପରେ ଆଜିର ଦିବସ ପାଇଁ ଅନୁଷ୍ଠିତ ମାରାଥନ କୁ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ମାରାଥନଟି ଯାଇ ବୀର ଛକ ରେ ପହଞ୍ଚିଥିଲା । ଏଥିରେ ଶହୀଦ, ସ୍ମୃତି ସମିତି ଓ କୋଶଳ ରାଜ୍ୟ କ୍ରୀୟାନ୍ୱୟନ କମିଟି, ବରଗଡ ସାମ୍ବାଦିକ ସଂଘ, ବରଗଡ ଫିଜିକାଲ ଏକାଡେମି, ବରଗଡ ଜିଲ୍ଲା ଭୂତପୂର୍ବ ସୈନିକ ସଂଘ, କୋଶଳ ସେନା ର ସଦସ୍ୟ ତଥା ଅନ୍ୟାନ୍ୟ ବହୁ ସଂଘ ସାମିଲ ହୋଇଥିଲେ । ସେହିପରି ଘେଁସ ରୁ କୋଶଳ ସେନା ର କର୍ମକର୍ତ୍ତା ସରୋଜ ପ୍ରଧାନ, ରମେଶ ରଣା, ରାକେଶ ବଡେଇ, ସମୀର ଭୋଇ, ହିମାଂଶୁ ସାହୁ, ଶତ୍ରୁଘ୍ନ ଭୁଏ, ମହାଦେବ ଭୁଏ, ବରୁଣ ଭୁଏ, ଉମେଶ ବାଗ, ନୀଳ ବଞ୍ଛୋର,ମୀନକେତନ ବିଶ୍ୱାଳ, କିଶୋର ବେହେରା, ରବୀନ୍ଦ୍ର ବାଗ, ଶୁଭମ୍ କର୍ମୀ, ରାଜକିଶୋର ମାଝୀ, ପ୍ରେମନ୍ ମହାକୁର, ନରେଶ ଦୀପ, ରୋହନ ପଧାନ, ସୁଦର୍ଶନ ହାତୀ, କରୁଣା ବରିହା, ହିମାଂଶୁ ମହାକୁର, ଯାନୁ ସାହୁ, ମୁକେଶ ମହାକୁର, ସୁମନ୍ତ ଜାଲ ପ୍ରମୁଖ ମଶାଲ ଆଣି ବୀର ଛକ ରେ ସ୍ଥାପନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗରର କର୍ମଚାରୀ ମାନଙ୍କ ସକ୍ରିୟ ସହଯୋଗରେ ଅନୁଷ୍ଠିତ ହୋଇଥିଲା ।

# ବୀର ମହାରାଜପୁରରେ ଯୁଗ୍ମ ଜନଶୁଣାଣି ୪୯ ଅଭିଯୋଗ ପଞ୍ଜିକୃତ

**ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବୀରମହାରାଜପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଲୁଡୁରପଙ୍କ ଗ୍ରାମ କାର୍ଯ୍ୟାଳୟର ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ,ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୪୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୩୬ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୩ ଗୋଟି ସାମୁହିକ ଦରଖାସ୍ତ ଓ ୦୨ ଗୋଟି ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା । ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର, ଶ୍ରୀ ରାଜୀବ ହାଁସଦାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ରାଜେନ୍ଦ୍ର ମାଝୀ, ଉପ - ଜିଲ୍ଲାପାଳ, ବୀରମହାରାଜପୁର, ସୁରେନ୍ଦ୍ର କୁମାର ମେହେରଙ୍କ ସମେତ ତହସିଲଦାର, ବୀରମହାରାଜପୁର, ସୁଶ୍ରୀ ଶୁଚିସ୍ମିତା ପାଣିଗ୍ରାହୀ, ସରପଞ୍ଚ, ଲୁଡୁରପଙ୍କ ଗ୍ରାମ ପଞ୍ଚାୟତ ସୂର୍ଯ୍ୟ କୁମାର ନନ୍ଦ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ ।

# ସ୍ୱାସ୍ଥ୍ୟ ଓ ସାଇବର କ୍ରାଇମ୍ ଉପରେ ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ**



ସୋନପୁର ମେହେର ପାର୍କ ଠାରେ ୧୯୭୬ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସହର ଜିଲ୍ଲା ତଥା ଦୂର ଦୁରାନ୍ତରୁ ୫୦ଜଣ ବନ୍ଧୁ ଯୋଗ ଦେଇଥିଲେ । ଆଜିର ଏହି ସଭାରେ ଭାରତ ସରକାରଙ୍କ ଅର୍ଥ ବିଭାଗ ପରାମର୍ଶ ଦାତା ବିକାଶ ନାରାୟଣ ମିଶ୍ର ସଭାପତିତ୍ୱ କରି ସାଇବର୍ କ୍ରାଇମ୍ ଓ ପରିବାର ବାଦ ଉପରେ ସଚେତନ କରିଥିଲେ । ଡ଼ାକ୍ତର ପ୍ରଦୀପ ଗୁରୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାକୁ ପରାମର୍ଶ କରି ବନ୍ଧୁ ମାନଙ୍କ ପରିବାର ଆତ୍ମୀୟ ସ୍ୱଜନ ପାଇଁ ବିସ୍ତାର ଭାବେ ସ୍ୱାସ୍ଥ୍ୟ ସଚେତନ କରିଥିଲେ । ସ୍ୱାସ୍ଥ୍ୟ ଠିକ ନାହିଁ ତ ଦୁନିଆଁ ର କୌଣସି ଜିନିଷ ଠିକ୍ ଲାଗେନି ସୁନ୍ଦର ଲାଗେନି ବୋଲି କହିଥିଲେ । ଆଗାମୀ ୨୦୨୬ ମସିହାରେ ଏଇ ବ୍ୟାଚ ର ପଚାଶ ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ କୋଣାର୍କ ବେଳାଭୂମିରେ ବନ୍ଧୁ ମିଳନ କ୍ରୀଡା ପ୍ରସ୍ତାବ ଗ୍ରହଣ କରାଗଲା । ବ୍ୟାଚ୍ ର ସଂଯୋଜକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଏହି ବ୍ୟାଚ୍ ମାଧ୍ୟମ ରେ ଆଗାମୀ ଦିନ ରେ ସମାଜ ସେବା କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ରଖି ୨୭-୧୨-୨୦୨୬ରେ କୋଣାର୍କ ବେଳାଭୂମି ଏହି ବନ୍ଧୁ ମିଳନ ଅୟୋଜନ କରି ଜଗନ୍ନାଥ ଦର୍ଶନ ସହ ପ୍ରଭୁ କୃପା ଲାଭ କରି ଜୀବନ ସାର୍ଥକ କରିବାକୁ ଉଦବୋଧନ ଦେଇଥିଲେ । ବରିଷ୍ଠ ସଦସ୍ୟ ପର୍ଶୁରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଇଂ ଲୋକ ନାଥ କର, ଇଂ ଶଙ୍କର୍ଷଣ ପଣ୍ଡା, ଅଶୋକ କୁମାର ପାଣିଗ୍ରାହୀ, ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ,ସେନା ଅଧିକାରୀ ହରେଶ ପଟ୍ଟନାୟକ, ଭିକାରୀ ଚରଣ ପୃଷ୍ଟି, ଗୁଣ ମେହେର,ସୁଧିର ମେହେର, ଜଗବନ୍ଧୁ ମିଶ୍ର,ହରି ନାରାୟଣ ମିଶ୍ର ପଞ୍ଚାନନ ବାରିକ,ନବଘନ ଷାଣ୍ଡ, ବାଙ୍କାନିଧି ରାୟଗୁରୁ, ବିକାଶ ମିଶ୍ର, ଶିଳ୍ପପତି ଶଙ୍କର ମେହେର, ଅଶୋକ ଜେନା,ସନତ ବସ୍ତିଆ, କୈବଲ୍ୟ ମିଶ୍ର, ନବୀନ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରମ ଆଇନ ଉଲ୍ଲଂଘନ କରୁଛି ୧୦୮ ଓ ୧୦୨ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥା

**ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ**

ବିଭିନ୍ନ ଠିକା ସଂସ୍ଥା ଜରିଆରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସୁବିଧା ଅସୁବିଧା ବୁଝିବା ସହ ନିୟମ ମୁତାବକ ଠିକା ସଂସ୍ଥା ଗୁଡ଼ିକ କାର୍ଯ୍ୟ କରୁଛନ୍ତି ନା ନାହିଁ ସେନେଇ ତଦାରଖ କରିବାକୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ରହିଛି । ବିଭାଗର କାର୍ଯ୍ୟକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ସମସ୍ତ ଜିଲ୍ଲାରେ ଏକାଧିକ ଶ୍ରମ କାର୍ଯ୍ୟାଳୟ ରହିଛି । ସେହିପରି ଗଞ୍ଜାମ ଜିଲ୍ଲାରେ ୨ଟି ବ୍ରହ୍ମପୁର ଓ ଛତ୍ରପୁର ଶ୍ରମ କାର୍ଯ୍ୟାଳୟ ରହିଛି । ଉକ୍ତ କାର୍ଯ୍ୟାଳୟ ଅଧୀନରେ ଯେଉଁ ଠିକା ସଂସ୍ଥା ନିଜର ଶ୍ରମିକ ଜରିଆରେ କାର୍ଯ୍ୟ କରନ୍ତି, କାର୍ଯ୍ୟାଳୟରୁ ସମ୍ପୃକ୍ତ ଠିକା ସଂସ୍ଥା ଅନୁମତି ଆଣିବାର ନିୟମ ରହିଛି । କିନ୍ତୁ ଗଞ୍ଜାମ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ସାରା ରାଜ୍ୟରେ ଚାଲୁଥିବା ୧୦୮ ଓ ୧୦୨ ଆମ୍ବୁଲାନ୍ସ ପରିଚାଳନା ନିନ୍ତେ ଏମ୍ରି ଗ୍ରୀନ୍ ହେଲ୍ ?ଥ ସର୍ଭିସେସ୍ ନାମକ ଘରୋଇ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସଂସ୍ଥା ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ୧୦୮ ଆମ୍ବୁଲାନ୍ସ ୫୧ଟି ଓ ୧୦୨ ଆମ୍ବୁଲାନ୍ସ ୪୪ଟି ରୋଗୀଙ୍କ ସେବାରେ ରହିଛି । ପରିଚାଳନା ନିମନ୍ତେ ଉକ୍ତ ଘରୋଇ ସଂସ୍ଥା ପକ୍ଷରୁ ଡ୍ରାଇଭର, ଏମରଜେନ୍ସି ମେଡ଼ିକାଲ୍ ଟେକ୍ନିସିଆନ୍ ଓ ହେଲ୍‌ପର ଯୋଗାଇ ଦିଆଯାଉଛି । ଏଭଳି ଭାବେ ସଂସ୍ଥା ପକ୍ଷରୁ ଶତାଧିକ କର୍ମଚାରୀଙ୍କୁ ନିଯୋଜିତ କରାଯାଇଛି । ହେଲେ ୪ ମାସରୁ ଅଧିକ ସମୟ ହେବ ସଂସ୍ଥା ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ଥିବା ଦୁଇ ଶ୍ରମ କାର୍ଯ୍ୟାଳୟରୁ ଅନୁମତି ନେଇ ନଥିବା ଜଣାପଡ଼ିଛି । ତେବେ ସଂସ୍ଥା ପକ୍ଷରୁ ଜିଲ୍ଲାରେ କେତେ ସଂଖ୍ୟକ କର୍ମଚାରୀ ନିୟୋଜିତ କରାଯାଇଛି । ଉକ୍ତ ଠିକା କର୍ମଚାରୀଙ୍କୁ ଶ୍ରମ ଆଇନ୍ ଅନୁଯାୟୀ ଦରମା ପ୍ରଦାନ କରାଯାଉଛି କି ନାହିଁ ଏପରି ବିଭିନ୍ନ ତଥ୍ୟ ବ୍ରହ୍ମପୁର ଶ୍ରମ କାର୍ଯ୍ୟାଳୟ ନିକଟରେ ନାହିଁ । ଅନ୍ୟପକ୍ଷରେ ୧୦୮ ଓ ୧୦୨ ଆମ୍ବୁଲାନ୍ସ ପରିଚାଳନା କରୁଥିବା ଘରୋଇ ସଂସ୍ଥା ପକ୍ଷରୁ ବ୍ରହ୍ମପୁର ଶ୍ରମ କାର୍ଯ୍ୟାଳୟରୁ କୌଣସି ଅନୁମତି ନିଆଯାଇ ନଥିବା ସହକାରୀ ଶ୍ରମ ଅଧିକାରିଣୀ ଶୁଭଲକ୍ଷ୍ମୀ ବେହେରା କହିଛନ୍ତି । ଏନେଇ ବ୍ରହ୍ମପୁର ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ନିୟମ ସମ୍ପର୍କରେ ଅବଗତ କରାଯିବା ସହ ଉକ୍ତ ଘରୋଇ ସଂସ୍ଥାକୁ ନୋଟିସ୍ ଜାରି କରାଯିବ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଚଳିତ ମାସ ୮ ତାରିଖରେ ବିଧାନସଭାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ୧୦୮ ଆମ୍ବୁଲାନ୍ସ ପରିଚାଳନା ସମ୍ପର୍କରେ ପ୍ରଶ୍ନ କରିଥିଲେ । କଂଟ୍ରାକ୍ଟ ଲେବର ଆକ୍ଟ, ୧୯୭୦ ଅଧିନିୟମ ପ୍ରାବଧାନ ଅନୁଯାୟୀ ଯଦି କୌଣସି ଠିକାଦାର ବିଭିନ୍ନ ଜିଲ୍ଲାରେ କୌଣସି ସଂସ୍ଥାରେ ୫୦ ରୁ ଅଧିକ ଠିକାଶ୍ରମିକ ନିୟୋଜନ କରନ୍ତି, ତେବେ ସମ୍ପୃକ୍ତ ଜିଲ୍ଲାର ଶ୍ରମ କାର୍ଯ୍ୟାଳୟରୁ ଲାଇସେନ୍ସ ପ୍ରାପ୍ତ ହେବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ୍ ମହାଲିଙ୍ଗ ଉତର ରଖିଥିଲେ । କିନ୍ତୁ ବାସ୍ତବରେ ଜିଲ୍ଲା ସ୍ତରରେ ଭିନ୍ନ ନିୟମ ପାଳନ କରାଯାଉଥିବା ଦେଖିବାକୁ ମିଳିଛି । ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଯେଉଁ ଉତର ରଖୁଛନ୍ତି ବାସ୍ତବରେ ଅଧିକାରୀ ମାନେ ତାହା ପାଳନ କରୁନଥିବା ଅଭିଯୋଗ ହୋଇଛି । ତେଣୁ ଏଥିପ୍ରତି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**ଜଗତସିଂହପୁର,ନ୍ୟୁଜ ବ୍ୟୁରୋ**




ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୮୧ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୭ ଟି, ଆବାସ ଯୋଜନା ସମ୍ପର୍କୀୟ ୧୫ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୨ଟି, ପୋଲିସ୍ ସହାୟତା ପାଇବା ପାଇଁ ୫ ଟି, ପେନସନ ପାଇବା ପାଇଁ ୫ ଟି ଏବଂ ଅନ୍ୟାନ୍ୟ ୧୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା,ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରଘୁନାଥପୁର, ବିରଞ୍ଚି ନାରାୟଣ ବେହେରା, ତହସିଲଦାର,ରଘୁନାଥପୁର, ରାଜଲକ୍ଷ୍ମୀ ନାୟକ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# ଓଡିଶା ସାମ୍ବାଦିକ ସଂଘ ଜଗତସିଂହପୁର ଜିଲ୍ଲା ପକ୍ଷରୁ ସାଧାରଣ ପରିଷଦ ବୈଠକ

**ଜଗତସିଂହପୁର,ନ୍ୟୁଜ ବ୍ୟୁରୋ**



ଓଡିଶା ସାମ୍ବାଦିକ ସଂଘ ଜଗତସିଂହପୁର ଜିଲା ସାଧାରଣ ପରିଷଦ ବୈଠକ ଧଳତଙ୍ଗଗଡ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଂଘର ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଜେୟର ରାଜ୍ୟ ସାଧାରଣ ସଂପାଦକ ଦୁର୍ଯ୍ୟୋଧନ ମହାରଣା ଯୋଗଦେଇ ଜିଲାରେ ସଂଘର ସମସ୍ତ ଏକତ୍ରିତ ହୋଇ କାର୍ଯ୍ୟକରିବା ସହିତ ଆଗାମୀ ଦିନରେ ସଂଘକୁ ଜିଲ୍ଲାରେ ସୁଦୃଢ କରିବାକୁ ପରାମର୍ଶ ଦେବା ସହିତ ଶପଥପାଠ କରାଇଥିଲେ । ଏହି ବୈଠକରେ ଜିଲା ସଂପାଦକ ସରୋଜକାନ୍ତ ସାହୁ ଯୋଗଦେଇ ବାର୍ଷିକ ବିରଣୀ ପାଠ କରିବା ସହିତ ଜିଲାର ଆଠଟି ବ୍ଲକ ଓ ୨ଟି ମୁନିସିପାଲିଟିରେ ଥିବା ଓଜେୟ ସଂଘର କର୍ମକର୍ତା ତଥା ସମସ୍ତ ସଦସ୍ୟ ସଦସ୍ୟା ମାନେ ନିଜ ଭିତରେ ସମନ୍ୱୟ ରଖି କାର୍ଯ୍ୟକରିବାକୁ ଦିଗଦର୍ଶନ ଦେଇଥିଲେ ।ରାଜ୍ୟ ସାଧାରଣ ସଂପାଦକ ଜିଲ୍ଲାର ନୂତନ ଭାବେ କାର୍ଯ୍ୟକାରୀ ସଭାପତି ଡକ୍ଟର ମାନସ ମହାନ୍ତି ଓ କୋଷାଧ୍ୟକ୍ଷ ଗୟାଧର ମହାରଣାଙ୍କ ନାମ ଘୋଷଣା କରିବା ସହିତ ତାଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବୈଠରେ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ,ସଂପାଦକ ସମୀର କୁମାର ମହାନ୍ତି, ଉପଦେଷ୍ଟା ଚିତରଂଜନ ସ୍ୱାଇଁ, ଉପସଭାପତି ପ୍ରଶାନ୍ତ ଦାସ,ରାଜଦ୍ୱୀପ ବିଶ୍ୱାସ,ଏରସମା ବ୍ଲକର ସଭାପତି ହିସ୍ତୀରଂଜନ ଖଣ୍ଡୁଆଳ,କୁଜଙ୍ଗ ବ୍ଲକର ସଭାସପତି ସୁବ୍ରତ ମଲ୍ଲିକ,ଜିଲାର ମଖ୍ୟ ସଂଯୋଜକ ଗିରିଜା ପ୍ରସାଦ ମହାନ୍ତି, ସହ ସଂଯୋଜକ ସନ୍ତୋଷ ବେହେରା,ବିଚିତ୍ରାନନ୍ଦ ପ୍ରଧାନ ସହସଂପାଦକ, ସଂଗଠନ ସଂପାଦକ ବିପିନ ସେଠୀ, ପବିତ୍ର ମଙ୍ଗରାଜ, ମନୋଜ ସାହୁ,ସଦସ୍ୟ ରୀତା ସାହୁ, ବିରିଡିର ସୁବାଷ ସ୍ୱାଇଁ, ରଘୁନାଥପୁର ଅମୂଲ୍ୟ ମହାପାତ୍ର, ମିଲନ ଜେନା ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ । ଏହି ଅବସରରେ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ ଜିଲା ସଂଘ ପକ୍ଷରୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସଂଘର ଜ୍ଲିଲ୍ଲା ଉପସଭାପତି ରଞ୍ଜନ ଖୁଣ୍ଟିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଲେପୁରରେ ୨୫ ଅଭିଯୋଗର ତ୍ୱରିତ ସମାଧାନ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ସାଲେପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୭୪ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୬୨ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୨୫ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ପୋଲିସ୍ ଆରକ୍ଷୀ ଅଧିକ୍ଷକ (ଗ୍ରାମାଂଚଳ) ଶ୍ରୀ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ନାୟକ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଆସନ୍ତା ୦୫ ତାରିଖରେ ବାରଙ୍ଗ ବ୍ଲକ୍ ?ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

## ରାଜ୍ୟସ୍ତରୀୟ ଦୀପଦଣ୍ଡି ମହୋତ୍ସବ -୨୦୨୫

# ଲୋକକଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ରମ୍ଭା,ନ୍ୟୁଜ ବ୍ୟୁରୋ**



ଗୌରାଙ୍ଗପାଟଣା ଗ୍ରାମର ବାଇବିନ ବାବା ସ୍ମୃତି-ସାଂସ୍କୃତିକ ପରିଷଦ ଦ୍ୱାରା ଚିଲିକା କୂଳ ଦୀପଦଣ୍ଡି ପାହାଡ଼ ପାଦଦେଶରେ ଆୟୋଜିତ ପ୍ରଥମ ରାଜ୍ୟ ସ୍ତରୀୟ ଦୀପଦଣ୍ଡି ମହୋତ୍ସ୍ୱ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ ଓଡ଼ିଆ ମାଟିର ଲୋକକଳା ଲୋକନୃତ୍ୟ ଲୋକଗୀତ ଆଦି ସାଂସ୍କୃତିକ କାର୍ଯ୍ୟରେ କଳାକାର ମାନେ କଳା ପ୍ରଦର୍ଶନ କରିଥିଲେ । ପ୍ରଥମ ଦିବସରେ ଗ୍ରାମ୍ୟ ମୁଖିଆ କହ୍ନେଇ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମହୋତ୍ସବକୁ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଉଦଘାଟନ କରିଥିା ବେଳେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ମଞ୍ଚାସିନ ଅତିଥି ମାନେ ଆମ ଲୋକକଳା ହିଁ ଆମ ସଂସ୍କୃତି ବୋଲି ଆଲୋକପାତ କରିଥିଲେ । ଦ୍ୱିତୀୟ ଦିବସ ଅବସରରେ ରାଜ୍ୟର କବି ଓ ସାହିତ୍ୟିକମାନଙ୍କୁ ନେଇ କବିତା ଆସର ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଭାଗୀରଥି ବେହେରା, ସମ୍ମାନିତ ଅତିଥି ରୂପେ, ଜଗତସିଂହପୁରର ବିଶିଷ୍ଟ କବି କିଶୋର ଚନ୍ଦ୍ର ସାହୁ,କଟକ ଜିଲ୍ଲାର ବିଶିଷ୍ଟ ସାହିତ୍ୟିକ ଆଭାକାନ୍ତ ମହାନ୍ତି,ଗଞ୍ଜାମ ବ୍ଲକ ଭାଗବତ ଟୁଙ୍ଗି ସମିତିର ସଭାପତି ନିରଞ୍ଜନ ସ୍ୱାଇଁ ସମେତ ୧୦୦ରୁ ଉର୍ଦ୍ଧ୍ୱ ସାହିତ୍ୟିକ ଓ କବି କବିତା ଆସରରେ ଯୋଗଦେଇ ନିଜ ନିଜର କବିତ୍ୱ ପ୍ରଦର୍ଶନ କରିଥିଲେ । ତୃତୀୟ ଦିନ ଅବସରରେ ପ୍ରଥମ ଅଧିବେଶନରେ ଅରବିନ୍ଦ କ୍ଲବର ସମ୍ପାଦକ ଶ୍ୟାମ ସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଭଜନ ମଞ୍ଜରୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରମ୍ଭାର ପ୍ରାକ୍ତନ ନଗର ପାଳ ସୁବାଷ ଚନ୍ଦ୍ର ପଣ୍ଡା , ମୁଖ୍ୟ ବକ୍ତା ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନାନନ୍ଦ ସାଗର କୁମାର, ସମ୍ମାନିତ ଅତିଥି ଭାବେ ଭାଷ୍ୟକାର ପ୍ରବଚକ ଶରତ ଚନ୍ଦ୍ର ଜାଲି, ମଲାଡ ଅଭିରାମ ମଠର ମଠାଧୀଶ ବାବାଜୀ ରସାନନ୍ଦ ଦାସ ମହାରାଜ ଉପସ୍ଥିତ ଥିଲେ । ଏଥିରେ ଚଳିତ ବର୍ଷ ପାଇଁ ଦୀପଦଣ୍ଡି କଳା-ସାହିତ୍ୟ-ସଂସ୍କୃତି ଓ ସେବା ସମ୍ମାନ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଭା ସମ୍ପନ୍ନ ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୁପେ ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ରାମଚନ୍ଦ୍ର ପଣ୍ଡା,ସ୍ୱତନ୍ତ୍ର ଅତିଥି ଭାବେ ଗଞ୍ଜାମ ବ୍ଲକ ଅଧକ୍ଷା ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ, ମୁଖ୍ୟ ବକ୍ତା ଭାବେ ସୁରଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଦୁର୍ଗା ମାଧବ ପାଣିଗ୍ରାହୀ,ଅଶୋକ ତ୍ରିପାଠୀ ,ସୁଜିତ କୁମାର ବେହେରା,ନିଳାଞ୍ଚଳ ସେନାପତି, ବନବାସୀ ସେଠି ଉପସ୍ଥିତ ଥିଲେ ବାଇବିନ ବାବା ସ୍ମୃତି ସାଂସ୍କୃତିକ ପରିଷଦ ଗୌରାଙ୍ଗପାଟଣାର ପ୍ରତିଷ୍ଠାତ୍ରୀ ସ୍ୱର୍ଗତ ବାଇବିନ ବାବାଙ୍କ ଧର୍ମପତ୍ନୀ ସୁକୁମାରୀ ବେହେରାଙ୍କୁ ମଞ୍ଚାସୀନ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପ୍ରତିଦିନ ସନ୍ଧ୍ୟାରେ ଜାତୀୟ ସ୍ତରର ମୃଦଙ୍ଗ ବାଦକ ଝଟକ ବେହେରାଙ୍କ ବାଦ୍ୟ ବିଚିତ୍ରା ଓ ଓଡ଼ିଶୀ ଶିଶୁ ନୃତ୍ୟାଙ୍ଗନା ଅନ୍ନପୂର୍ଣ୍ଣା ବେହେରାଙ୍କ ମୁଦ୍ରାନୃତ୍ୟରେ ଦର୍ଶକମାନେ ଝୁମିଥିଲେ । ବାଇବିନ ବାବାଙ୍କ ରଚିତ ଭଜନ ମଞ୍ଜରୀ, ଅମର କୋଇଲି, ବାଇନ ଦାଣ୍ଡଧୁଆ ଚଉତିଶା ଓ କାଳୁ ଚରଣ ବେହେରାଙ୍କ ଜହ୍ନି ଓଷା ବୃନ୍ଦାବତୀ ଗୀତ ପୁସ୍ତକରୁ ସୁନାମ ଧନ୍ୟ ଗାୟକ ଓ ଗାୟିକାମାନେ ମଞ୍ଚରେ ପଦ୍ୟାବୃତ୍ତି କରିଥିଲେ ।ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପଦେଷ୍ଟା ପ୍ରହ୍ଲାଦ ବେହେରା , ସଂପାଦକ ଶେଷଦ୍ୱେ ବେହେରା ଓ ସଭାପତି ଅଭିରାମ ବେହେରା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସହଯୋଗୀ ଶ୍ୱେତ ,ସଞ୍ଜୟ, ତୁଷାର କାନ୍ତ, ପ୍ରଜାପତି,ସନ୍ଧ୍ୟାରାଣୀ, ଦୁଷ୍ମନ୍ତ,ଆଲୋକ, ଝଟକ, ରଞ୍ଜନ, ଅର୍ଜୁନ, ଶଶିକାନ୍ତ, ସୁକାନ୍ତ,ପୂର୍ଣ୍ଣଚନ୍ଦ୍ର ବେହେରା ଆଦି ପରିଚାଳନାରେ ସହଯୋଗ କରିଥିଲେ । ଏହି ମହୋତ୍ସବରେ ଏକ ହଜାରରୁ ଅଧିକ ଦର୍ଶକଙ୍କର ସମାଗମ ହୋଇଥିଲା

# ବିଜେଡି ନବନିଯୁକ୍ତ ରାଜ୍ୟ ଯୁବ ଓ ରାଜ୍ୟ ପଦାଧିକାରୀଙ୍କୁ ସ୍ୱାଗତ

**ବାରିପଦା,ନ୍ୟୁଜ ବ୍ୟୁରୋ**



ବାରିପଦା ପୂର୍ବତନ ମାଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସୁପ୍ରିମ ନବୀନ ପଟ୍ଟନାୟକ ନୂତନ ଭାବେ ରାଜ୍ୟ ବିଜୁ ଯୁବ ଛାତ୍ର ଜନତା ଦଳ ପଦାଧିକାରୀ ମାନଙ୍କୁ ନିଯୁକ୍ତି ଦେଇଛନ୍ତି, ବିରୋଧୀ ଦଳ ଆସନରେ ରହି ନବନିଯୁକ୍ତ ରାଜ୍ୟ ଯୁବ ଛାତ୍ର ଜନତା ଦଳର କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଲଚନକୁ ଆଣିବା ସହ ଦଳର ସାଙ୍ଗଠନିକ ଅଭିବୃଦ୍ଧିରେ ସହାୟକ ହେବେ ବଲି ଆଶା ନେଇ ଆଜି ସମ୍ବର୍ଦ୍ଧନା ସଭାରେ ବିଭିନ୍ନ ବକ୍ତାମାନେ ମତ ପ୍ରକାଶ କରିଥିଲେ, ଏହି କ୍ରମରେ ମାନ୍ୟବର ରାଜ୍ୟ ସଭାପତି ଦ୍ୱାରା ମନାନୀତ ହେଇ ଥିବା କର୍ମକର୍ତ୍ତା ଯଥା ଯୁବ ଜନତା ରାଜ୍ୟ ଉପସଭାପତି ଛବି ମାହାଲି, ରାଜ୍ୟ ସାଧାରଣ ସମ୍ପାଦକ ରାଜୀବ ଜେନା, ହରେକୃଷ୍ଣ ଦାସ ଓ ଶିବଶଙ୍କର ପତ୍ର ଏବଂ ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଭାବେ ଆଶ୍ରିବାଦ ଦାସ, ଦେବଜିତ ପଟ୍ଟନାୟକ, ଚିତ୍ତେଶ୍ୱର ବେହେରା ଓ ସେକ ହାକିମ ଉଦ୍ଦିନଙ୍କୁ ଆଜି ବିଜୁ ଭବନ ଠାରେ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ବିଜୁ ଜନତା ଦଳ ମୟୂରଭଞ୍ଜ ପକ୍ଷରୁ ସମ୍ବର୍ଦ୍ଧିତ କରାଗଲା, ପୂର୍ବତନ ଉପ ବାଚସ୍ପତିଙ୍କ ସାନନ୍ଦ ମାର୍ଣ୍ଡିଙ୍କ ପୌରାହିତରେ ଆୟୋଜିତ ଓ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ସୁଦାମ ମାର୍ଣ୍ଡିଙ୍କ ସଭାପତିତ୍ୟ କରିଥିଲେ ଏହି କାର୍ଯକ୍ରମ ରେ ବାରିପଦା ପୌରାପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ଅର୍ବାନ ବ୍ୟାଙ୍କ ସଭାପତି ସୁବ୍ରମନୟମ ମହାନ୍ତି, ପୂର୍ବତନ କୃଷି ଶିଳ୍ପ ନିଗମ ଅଧକ୍ଷ୍ୟ ଦେବାଶିଷ ମହାନ୍ତି, ଜିଲ୍ଲା କାର୍ଯକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୟକ ପ୍ରଭାତ ନାୟକ, ଯୁବ ସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ ନାୟକ, ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାସଁଦା, ପାର୍ଟି ଅଫିସ ସମ୍ପାଦକ ଶୈଳେନ୍ଦ୍ର ପାତ୍ର, କାଉନସିଲର ପ୍ରଭାତ ମହାନ୍ତି, ଅନନ୍ତ ଦାସ, କୁମାର ମୁଖୀ, ସମଜସେବୀ ଅମର ସେଠି, ଲୋଲାଟେନ୍ଦୁ ବେହେରା, ବରିଷ୍ଠ ନେତା ଜ୍ଞାନ ରଞ୍ଜନ ଦାଶ, ତପନ ପତି, ଛାତ୍ର ନେତା ଆଭାସ ଦେ, ଅଭିଜିତ କଲିଆ, ଭୀଷ୍ମ ମହାନ୍ତ, ପ୍ରମୁଖ ଉପସ୍ଥିତ ରହି ନୂତନ ଯୁବ ଛାତ୍ର ପଦାଧିକାରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୧ ଜାନୁଆରୀକୁ କାହିଁକି କୁହାଯାଏ 'ଜିରୋ ପଏଣ୍ଟ'

ନୂତନ ଆଶା ନେଇ ଆସିଛି ୨୦୨୬। ନୂଆ ବର୍ଷର ନୂଆ ତାରିଖରୁ ନିଆଯିବ ବର୍ଷ ସାରାର ରିଜୋଲ୍ୟୁସନ୍। ସମସ୍ତଙ୍କ ପାଇଁ ନ୍ୟୁ ଇୟର ରିଜୋଲ୍ୟୁସନ୍ ବା ସଂକଳ୍ପ ସବୁବେଳେ ଭିନ୍ନ ଭିନ୍ନ ରହିଥାଏ। ତେବେ ଜାଣନ୍ତି କି ଜାନୁଆରୀ ୧ ତାରିଖ ତଥା ବର୍ଷର ପ୍ରଥମ ଦିନକୁ ବୈଜ୍ଞାନିକମାନେ 'ପଏଣ୍ଟ ଜିରୋ' ବୋଲି ମାନନ୍ତି। ତେବେ ଏଭଳି କାହିଁକି ? ଏହା ପଛରେ କଣ ରହିଛି ଐତିହାସିକ ତଥ୍ୟ। ଜାନୁଆରୀ ୧ ରୁ ଆରମ୍ଭ ହୁଏ କ୍ୟାଲେଣ୍ଡରର ଗଣତି, ଅର୍ଥାତ ବର୍ଷ ଶୁଭାରମ୍ଭର ବିନ୍ଦୁ। ତେଣୁ ବୈଜ୍ଞାନିକ ଏହାକୁ 'ଜିରୋ ପଏଣ୍ଟ' ବୋଲି କୁହନ୍ତି। କାରଣ ଏହା ଏକ ପ୍ରକାର ଷ୍ଟାର୍ଟିଂ ପଏଣ୍ଟ, ଯେଉଁଠୁ ବର୍ଷର ଆରମ୍ଭ ହୁଏ। ଏହା ପଛର ବି କିଛି ପ୍ରାଚୀନ କାରଣ ଅଛି। ପ୍ରାଚୀନ ସମୟରେ ରୋମର ଲୋକ 'ଜେନସ୍' ନାମକ ଦେବତାଙ୍କୁ ପୂଜା କରୁଥିଲେ। 'ଜେନସ'ଙ୍କୁ ଆରମ୍ଭ ଓ ଅନ୍ତର ଦେବତା ବୋଲି କୁହାଯାଉଥିଲା। ଲୋକଙ୍କ ମତରେ ଜେନସଙ୍କ ଦୁଇଟି ମୁହଁ ଥିଲା। ଗୋଟିଏ ଆଗକୁ ଏବଂ ଅନ୍ୟଟି ପଛକୁ। 'ଜେନସ୍'ଙ୍କ ନାଁରେ ଜାନୁଆରୀ ମାସର ନାଁ ପଡିଥାଏ। ଏହାପଛରେ ବି ଏକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି। ୧୫୮୨ ରେ ପୋପ୍ ଗ୍ରେଗରୀ ତ୍ରୟୋଦଶ ପୁରୁଣା କ୍ୟାଲେଣ୍ଡରର ଭୁଲକୁ ସୁଧାରିବା ପାଇଁ ଗ୍ରେଗରିଆନ୍ କ୍ୟାଲେଣ୍ଡର ଆରମ୍ଭ କରିଥିଲେ। ସେତେବେଳେ ଅଲଗା ଅଲଗା କ୍ୟାଲେଣ୍ଡର ଚାଲୁଥିଲା ଓ ଲୋକ ଭିନ୍ନ ଭିନ୍ନ ତାରିଖରେ ନୂଆ ବର୍ଷ ପାଳନ କରୁଥିଲେ। ବହୁ ଦେଶ ଓ ମହାଦ୍ୱୀପରେ ଅଲଗା କ୍ୟାଲେଣ୍ଡର ହେବା କାରଣରୁ ଏହା ଅବ୍ୟବସ୍ଥିତ ଲାଗୁଥିଲ। ଅନ୍ତର୍ଜାତୀୟ ବ୍ୟାପାର, ଯାତ୍ରା ଓ ପାରସ୍ପାରିକ ଯୋଗାଯୋଗରେ ଲୋକଙ୍କ ପାଇଁ ବହୁ ସମସ୍ୟା ସାମନା କରିବାକୁ ପଡୁଥିଲା। ଏଥିପାଇଁ ପୁରା ଦୁନିଆରେ ଗୋଟିଏ କ୍ୟାଲେଣ୍ଡର ଲାଗୁ କରିବା ଦରକାର ଅନୁଭବ ହୋଇଥିଲା। ପୋପ୍ ଗ୍ରେଗରୀ ତ୍ରୟୋଦଶଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଗ୍ରେଗରିଆନ୍ କ୍ୟାଲେଣ୍ଡରକୁ ଧିରେ ଧିରେ ପୁରା ଦୁନିଆ ଗ୍ରହଣ କରିଥିଲା। ଏହାଦ୍ୱାରା ବାଣିଜ୍ୟ ଓ ସଞ୍ଚାର ସହଜ ହୋଇଥିଲା। ୧ ଜାନୁଆରୀକୁ ଔପଚାରିକ ଭାବରେ ବର୍ଷର ପ୍ରଥମ ଦିନ ଘୋଷିତ କରି ଦିଆଯାଇଥିଲା। ବୈଜ୍ଞାନିକଙ୍କ ମତରେ ଶୂନ୍ୟ ବା ଜିରୋ ହେଉଛି ଯେ କୌଣସି ଗଣିତର ଆରମ୍ଭ। ଏହା ଆରମ୍ଭର ବିନ୍ଦୁ ହୋଇଥାଏ। ତେଣୁ କ୍ୟାଲେଣ୍ଡରରେ ୧ ଜାନୁଆରୀକୁ ପ୍ରାରମ୍ଭିକ ବିନ୍ଦୁ କିମ୍ବା 'ଜିରୋ ପଏଣ୍ଟ' କୁହାଯାଏ। ଏହାପରେ ବାକି ତାରିଖ ଗଣନା ଆରମ୍ଭ ହୋଇଥାଏ। ବୈଜ୍ଞାନିକଙ୍କ ଅନୁସାରେ, ପୃଥିବୀର ପରିକ୍ରମା କରିବାରେ ସୂର୍ଯ୍ୟଙ୍କୁ ପ୍ରାୟ ୩୬୫.୨୫ ଦିନ ଲାଗିଥାଏ। ଯଦି ଆମ ପାଖରେ ବର୍ଷ ଆରମ୍ଭର କୌଣସି ନିର୍ଦ୍ଦିଷ୍ଟ 'ଜିରୋ ପଏଣ୍ଟ' ନାହିଁ, ତେବେ ପ୍ରତି ବର୍ଷର ପାଣିପାଗ ଏବଂ ତାରିଖ ଭିତରେ ତାଳମେଳ ବିଗିଡିଥାନ୍ତା। ତେଣୁ ବୈଜ୍ଞାନିକମାନେ ୧ ଜାନୁଆରୀକୁ ପ୍ରାରମ୍ଭିକ ବିନ୍ଦୁ ରୂପରେ ଗ୍ରହଣ କରିଥିଲେ।

# ବଦଳିଛି ନବ ବର୍ଷ

ମାନସ ରଞ୍ଜନ ପ୍ରଧାନ
ଫୋନ – ୯୩୩୭୩୫୫୬୫୮

ବିଲେଇ ପିଇଦେଲା କ୍ଷୀର ସାଙ୍ଗକୁ ମୋର ହାପି ନ୍ୟୁ ୟର '- ଟିକେ ଅତୀତକୁ ମନେ ପକେଇଲେ ପ୍ରଥମେ ମନରେ ଭାସି ଉଠେ ଗ୍ରିଟିଂସ୍ କାର୍ଡର ଏଇ କଥା । ସତରେ ଅତୀତ କେତେ ସୁନ୍ଦର ନା ! ନୂଆ ବର୍ଷ ଆସୁ ଆସୁ ଗାଁ ମେଳିରେ ସାଙ୍ଗମାନଙ୍କ ସହ ଭୋଜି କରିବାର ସେ ମଜା କେତେ ଯେ ଥିଲା ନିଆରା। ହାତରେ ସେତେ ପଇସା ନ ଥିଲା, ହେଲେ ଥିଲା ସ୍ନେହ, ଶ୍ରଦ୍ଧା ଆଉ ଅପାର ଭଲ ପାଇବା । ମା' ପାଖରୁ ଜିଦ୍ କରି ଶହେ କିମ୍ବା ଦୁଇ ଶହ ଟଙ୍କାରେ ଭୋଜି କରିବାର ସେ ମଜା ଦେଉଥିଲା ହଜାର ହଜାର ଟଙ୍କାରେ ଜିରୋ ନାଇଟ୍ ମନେଇବାଠୁ କେଇ ଗୁଣା ଅଧିକ ଖୁସି ।

ସମୟ ବଦଳିଛି ନୂଆ ବର୍ଷ ପାଳନ କରିବାର ତରିକା ବି ବଦଳି ଯାଇଛି। ଗ୍ରିଟିଂସ୍ କାର୍ଡର ସ୍ଥାନ ନେଇ ଯାଇଛି ହ୍ୱାଟସଅପ, ଇନଷ୍ଟାଗ୍ରାମର ଇମୋଜି । ଭାବ କମ୍ ଅଛି, ସ୍ନେହ ଆଉ ଶ୍ରଦ୍ଧାରେ ଦୂରତା ବଢ଼ି ଯାଉଛି। ନିଜର କର୍ମମୟ ଜୀବନରେ ବସିକି କେହି ସାଙ୍ଗ ଆଉ କାହାକୁ କହୁ ନାହାନ୍ତି, 'ସମୁଦ୍ର ମଝିରେ ଖେଳୁଛି ମାଛ, ପ୍ରଥମେ ଲେଖୁଛି କେମିତି ଅଛ ?' ବିଡ଼ମ୍ବନାର ବିଷୟ ଏହା ଯେ ନୂଆ ବର୍ଷ ଆଉ ନୂଆ ଲାଗୁନି, ଲାଗୁଛି କ୍ୟାଲେଣ୍ଡର ବଦଳିଛି; ତାରିଖ ବଦଳିଛି ମାତ୍ର। ନା ନୂଆ ସଂକଳ୍ପ ଅଛି ନା ନୂଆ ଆଶା । ବାସ୍ ଟିକେ ଟିକେ ଖୁସି ଅଛି ବିୟର ଟେ ହେବ, ଆଉ ତାହା ସହ ମଟନ ଟିକେ । ସତରେ କ'ଣ ଆମେ ଏତେ ଜଲଦି ଆମର ସେ ଅତୀତର ସ୍ମୃତିକୁ ଗୋଲାପର କଣ୍ଟା ଭଳି ଆହୁରି କଣ୍ଟକିତ କରି ଦେଉଛେ ! ନା ନବ ଉନ୍ମାଦନା ଆଶାରେ ଲୋକ ଦେଖାଣିଆ ଭାବରେ ନୂଆ ବର୍ଷ ପାଳନ କରୁଛେ। କଣ କୃତ୍ରିମ ବୁଦ୍ଧିମତା ଆସିଗଲା ବୋଲି ଆଉ ଆମେ ସାଙ୍ଗକୁ ଚିଠି ଲେଖି ପାରିବାନି ତାହାର ଉପଯୋଗ କରି । ହେଇପାରେ ପରିବର୍ତ୍ତନ ସଂସାରର ନିୟମ, ହେଲେ ପରିବର୍ତ୍ତନ ଏତେ ହେଇଯିବ ଯେ ସାଙ୍ଗ ପାଖରେ ସମୟ ନ ଥିବ ଗାଁ ଭୋଜି ପାଇଁ। ପୁଅ ପାଖରେ ସମୟ ନ ଥିବ ମା' ବାପା ପରିବାର ସହ ମିଶି ନୂଆବର୍ଷରେ ଟିକେ ପିଠା ପଣା ଖାଇବା ପାଇଁ । ନା, ଏହା ଏକ ବାହାନା। ନା ଏହା ନୂଆ ବର୍ଷରେ ମନର ଏକ ନୂଆ ଅବିବେକତା।

ନୂଆବର୍ଷରେ ନବେ ଦଶକର ସେ ରଚନା, ସିଦ୍ଧାନ୍ତ ଆଉ ଶାହରୁଖଙ୍କ ଗ୍ରିଟିଂସ୍ କାର୍ଡ ସିନା ନାହିଁ ହେଲେ ଭଲ ପାଇବା ସ୍ନେହ ଆଉ ଶ୍ରଦ୍ଧା ତ ଅଛି। ତେବେ ତାହା କାହିଁକି ହଜି ହଜି ଯାଉଛି। କାହିଁକି ୫୦ ପଇସାର ଗ୍ରିଟିଂସ୍ କାର୍ଡ ଆଇଫୋନ ଧରୁଥିବା ସାଙ୍ଗ ସାଙ୍ଗକୁ ଆଉ ସେତେ ଖୁସି ଦେଇ ପାରୁନି ? ମନରେ ପ୍ରଶ୍ନ ଆସେ କଣ ଅନଲାଇନ ଯୁଗ ହେଲା ବୋଲି ଆଉ ଆମେ ନୂଆ ବର୍ଷରେ କହି ପାରିବାନି, 'ଗୋଲାପ ଗଛରେ ବହୁତ୍ କଣ୍ଟା, ମନେ ପକାଉଥିବ ଘଣ୍ଟାକୁ ଘଣ୍ଟା ' । ଯଦି ଏମିତି ହୁଏ ଦିନ ଆସିବ ଶେଷରେ ସେ ସ୍ମୃତିରୁ ସ୍ନେହ ପ୍ରେମ ଆଉ ଶ୍ରଦ୍ଧାକୁ ସବୁଦିନ ବିଦାୟ ଦେଇ କେହିଦେବା, 'ଟେବୁଲ୍ ଉପରେ ଟମାଟୋ ଖଟା, ସାଙ୍ଗକୁ ମୋର ସବୁଦିନ ପାଇଁ ଟାଟା '.... ।

# ନୂତନ ବର୍ଷ, ନୂତନ ଆରମ୍ଭ : ପରିବର୍ତ୍ତନ ଏବଂ ଅଭିବୃଦ୍ଧିକୁ ଆକର୍ଷିତ କରିବା



ଡାକ୍ତର ଅଶୋକ କୁମାର ମହାନ୍ତି
ମାଟିମଣ୍ଡପ ସାହି, ପାଟଣା ଲେନ୍,
ପୁରୀ ଟାଉନ୍, ମୋବାଇଲ
ନଂ-୯୨୩୪୬୬୭୫୪୬

ଡିସେମ୍ବର ୩୧ ତାରିଖ ମଧ୍ୟରାତ୍ରିରେ ସାରାଦେଶର ଲୋକମାନେ ୨୦୨୫ କୁ ବିଦାୟ ଦେବା ସହିତ ଆଶା, ଆନନ୍ଦ, ଉତ୍ସାହ, ଉତ୍ସବ ଏବଂ ଅସୀମ ସମ୍ଭାବନାରେ ପରିପୂର୍ଣ୍ଣ ଏକ ନୂତନ ବର୍ଷକୁ ଆହ୍ୱାନ କରିଛନ୍ତି । ନୂତନ ବର୍ଷ ହେଉଛି ଏକ ନୂତନ ଆରମ୍ଭ ଏବଂ ଜୀବନର ଏକ ନୂତନ ଅଧ୍ୟାୟ, କେବଳ କ୍ୟାଲେଣ୍ଡରରେ ପରିବର୍ତ୍ତନ ନୁହେଁ; ଏହା ପ୍ରତିଫଳନ, ବିକାଶ ଏବଂ ନବୀକରଣର ଏକ ସୁଯୋଗ। ଏହା ଲକ୍ଷ୍ୟସ୍ଥିର କରିବାର, ଜୀବନରେ ପରିବର୍ତ୍ତନ ଆଣିବାର, ଏକ ନୂତନ ପଥ ଆରମ୍ଭ କରିବାର,ନୂତନ କାମ କରିବାର, ନୂତନ ଯୋଜନା ଏବଂ ନୂତନ ସଂକଳ୍ପ ଆରମ୍ଭ କରିବାର, ପରିବର୍ତ୍ତନକୁ ଗ୍ରହଣ କରିବାର ଏବଂ ପୁରୁଣା ଅଭ୍ୟାସ, ସମସ୍ୟା ଏବଂ ଦୁଃଖକୁ ବିଦାୟ ଦେବାର ସମୟ। ଭାରତରେ ନୂତନ ଆରମ୍ଭର ଧାରଣା ଆମ ସଂସ୍କୃତିରେ ଗଭୀର ଭାବରେ ନିହିତ। ଆଲୋକର ପର୍ବ ଦୀପାବଳିର ସ୍ପନ୍ଦନଶୀଳ ଉତ୍ସବଠାରୁ ଆରମ୍ଭ କରି ରଙ୍ଗର ପର୍ବ ହୋଲିର ରଙ୍ଗୀନ ଉତ୍ସବ ପର୍ଯ୍ୟନ୍ତ, ଆମେ ଜାଣୁ ଯେ ପ୍ରତ୍ୟେକ ଶେଷ ଏକ ନୂତନ ଆରମ୍ଭକୁ ଚିହ୍ନିତ କରେ। ୨୦୨୬ ରେ ପାଦ ଦେବା ସମୟରେ, ଆସନ୍ତୁ ଆମେ କ'ଣ ହାସଲ କରିବାକୁ ଚାହୁଁଛୁ, କ'ଣ ଛାଡିବାକୁ ଚାହୁଁଛୁ ଏବଂ କ'ଣ ପାଇଁ ଆମେ ଅପେକ୍ଷା କରିଛୁ ସେ ବିଷୟରେ ଚିନ୍ତା କରିବା। ଆସନ୍ତୁ ଏହି ବର୍ଷକୁ ମୂଲ୍ୟବାନ କରିବା, ଏହାକୁ ଅଭିବୃଦ୍ଧି, ଶିକ୍ଷା ଏବଂ ପ୍ରେମର ବର୍ଷ କରିବା।

ନୂତନ ବର୍ଷର ସଂକଳ୍ପ ପାଇଁ କିଛି ମତ : ଆପଣଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରାଥମିକତା ଦେବା ଏକ ଉଦ୍ଦେଶ୍ୟ ହୋଇପାରେ। ଏହାର ଅର୍ଥ ନିୟମିତ ବ୍ୟାୟାମ କରିବା, ନୂତନ ସୁସ୍ଥ ରେସିପି ଅନୁସନ୍ଧାନ କରିବା, କିମ୍ବା କେବଳ ବିଶ୍ରାମ ଏବଂ ଆତ୍ମ-ଯତ୍ନ ପାଇଁ ସମୟ ବାହାର କରିବା । ମନେରଖନ୍ତୁ, ନିଜର ଯତ୍ନ ନେବା ସ୍ୱାର୍ଥପର ନୁହେଁ; ଏହା ଆପଣଙ୍କ ସାମଗ୍ରିକ ଖୁସି ଏବଂ ଉତ୍ପାଦକତା ପାଇଁ ଅତ୍ୟାବଶ୍ୟକ। ଏକ ନୂତନ ଭାଷା କିମ୍ବା କିଛି ଦକ୍ଷତା ଲାଭ କରନ୍ତୁ । ସଚେତନତା ଏବଂ ଆତ୍ମ-ଯତ୍ନ ଅଭ୍ୟାସ କରନ୍ତୁ। ଏକ ନୂତନ ଅଭ୍ୟାସ କିମ୍ବା କାର୍ଯ୍ୟକଳାପ ଆରମ୍ଭ କରନ୍ତୁ। ନିଜ ପାଇଁ ପ୍ରକୃତରେ ଚ୍ୟାଲେଞ୍ଜିଂ ଲକ୍ଷ୍ୟ ସ୍ଥିର କରନ୍ତୁ ଏବଂ ପ୍ରତିବଦ୍ଧ ଫଳାଫଳ ପ୍ରଦାନ କରନ୍ତୁ। ନିର୍ଦ୍ଧାରିତ ଭୂମିକା ବାହାରକୁ ଯାଆନ୍ତୁ ଏବଂ ସାମଗ୍ରିକ ଫଳାଫଳ ପ୍ରଦାନ କରିବା ପାଇଁ ପୂର୍ଣ୍ଣ ମାଲିକାନା ନିଅନ୍ତୁ। ନିରନ୍ତର ନୂତନ ଜ୍ଞାନ ଏବଂ ଦକ୍ଷତା ଅର୍ଜନ କରନ୍ତୁ। ଲକ୍ଷ୍ୟ ହାସଲ କରିବା ପାଇଁ ଅନ୍ୟମାନଙ୍କ ସହିତ ଏକାଠି କାମ କରନ୍ତୁ ଏବଂ ଅନ୍ୟମାନଙ୍କ ଅବଦାନ ପାଇଁ ସେମାନଙ୍କର ପ୍ରଶଂସା କରନ୍ତୁ। ଅନ୍ୟମାନଙ୍କ ସହିତ ବିଶ୍ୱାସର ପରିବେଶ ସୃଷ୍ଟି କରନ୍ତୁ। ଅଭିବୃଦ୍ଧି ମାନସିକତା ସୃଷ୍ଟି କରନ୍ତୁ , ଯାହା ଫଳରେ ଆପଣଙ୍କର ଶ୍ରେଷ୍ଠତା, ଆନନ୍ଦ, ସକାରାତ୍ମକତା ବୃଦ୍ଧି ପାଇବ। ଆପଣ ଯାହା କରୁଛନ୍ତି, ତାହା ପ୍ରତିଫଳିତ କରନ୍ତୁ ଏବଂ ଆପଣ ଯାହା ପ୍ରତି ଆଗ୍ରହୀ ତାହା ସହିତ ସଂଯୋଗ କରନ୍ତୁ। ଯେଉଁମାନେ ଆପଣଙ୍କୁ ଭଲ ଅନୁଭବ କରାନ୍ତି ସେମାନଙ୍କ ସହିତ ସମୟ ବିତାନ୍ତୁ। ଭବିଷ୍ୟତ ପାଇଁ ମୂଲ୍ୟବୋଧ-କେନ୍ଦ୍ରିତ ଲକ୍ଷ୍ୟ ଉପରେ ଧ୍ୟାନ ଦିଅନ୍ତୁ। ନୂତନ ସୁଯୋଗ ଏବଂ ଦୃଷ୍ଟିକୋଣକୁ ସ୍ୱାଗତ କରନ୍ତୁ। ବ୍ୟକ୍ତିଗତ ବିକାଶ ପାଇଁ ପ୍ରତିବଦ୍ଧ ହୁଅନ୍ତୁ, ଯେପରିକି ଅଧ୍ୟୟନ କିମ୍ବା ଏକ ସୃଜନଶୀଳ ପ୍ରକଳ୍ପ ପାଇଁ ଅଧିକ ସମୟ ଉତ୍ସର୍ଗ କରନ୍ତୁ। ଚିନ୍ତାଶୀଳ ନିଷ୍ପତ୍ତି ନିଅନ୍ତୁ ଏବଂ ଆଶା ସହିତ ଆଗକୁ ବଢ଼ନ୍ତୁ। ପ୍ରିୟଜନଙ୍କ ସହିତ ଦୟା ଏବଂ ଦୃଢ଼ ସମ୍ପର୍କ ବଢ଼ାନ୍ତୁ। ନୂତନ ପରିସ୍ଥିତି ଏବଂ ପରିବେଶ ସହିତ ଖାପ ଖୁଆଇବାର କ୍ଷମତା ବିକଶିତ କରିବା ଦ୍ୱାରା ସ୍ଥିରତା ଏବଂ ସମସ୍ୟା ସମାଧାନ କରିବାର ଦକ୍ଷତା ସୃଷ୍ଟି ହୁଏ, ଯାହା ଜୀବନର ସମସ୍ତ କ୍ଷେତ୍ରରେ ମୂଲ୍ୟବାନ। ଯେଉଁମାନେ ଆପଣଙ୍କୁ ପ୍ରେରଣା ଦିଅନ୍ତି, ଆପଣଙ୍କ ଲକ୍ଷ୍ୟକୁ ସମର୍ଥନ କରନ୍ତି ଏବଂ ଆପଣଙ୍କ ଅଭିବୃଦ୍ଧିକୁ ଉତ୍ସାହିତ କରନ୍ତି ସେମାନଙ୍କ ସହିତ ସମୟ ବିତାନ୍ତୁ। ନୂତନ ବର୍ଷକୁଆହ୍ୱାନ କରିବା ସମୟରେ, ଆସନ୍ତୁ ଖୋଲା ହୃଦୟ ଏବଂ ମନରେ ସ୍ୱାଗତ କରିବା। ଆସନ୍ତୁ ଅଭିବୃଦ୍ଧି, ସ୍ଥିରତା ଏବଂ ସକାରାତ୍ମକତା ପ୍ରତି ପ୍ରତିବଦ୍ଧ ହେବା। ନୂତନ ବର୍ଷ ଏକ ଶକ୍ତିଶାଳୀ ସ୍ମରଣକାରୀ ଯେ, ଜୀବନ ହେଉଛି ଅଭିବୃଦ୍ଧି, ସ୍ଥିରତା ଏବଂ ଆଶାବାଦର ଏକ ନିରନ୍ତର ଯାତ୍ରା। ମୁକ୍ତ ହୃଦୟ ଏବଂ ସକାରାତ୍ମକ ମାନସିକତା ସହିତ ପରିବର୍ତ୍ତନକୁ ଗ୍ରହଣ କରି, ଆମେ ଏହି ନୂତନ ଆରମ୍ଭର ଶକ୍ତିକୁ ବ୍ୟବହାର କରି ଆମ ଜୀବନର ପୁସ୍ତକରେ ଏକ ଆକର୍ଷଣୀୟ ନୂତନ ଅଧ୍ୟାୟ ଲେଖିପାରିବା। ବିଶ୍ୱାସ କରନ୍ତୁ, ଧ୍ୟାନ ଦିଅନ୍ତୁ, ସକ୍ରିୟ ହୁଅନ୍ତୁ – ଆପଣଙ୍କର ସମୟ ଆସୁଛି, କେବେ ହାର ମାନିବେ ନାହିଁ, ପ୍ରୟାସ ସବୁକିଛି ବଦଳାଇ ଦିଏ – ସର୍ବଦା ପ୍ରତିବଦ୍ଧ ରୁହନ୍ତୁ। ଏହା ନୂତନ ଆରମ୍ଭ, ଅସୀମ ସମ୍ଭାବନା ଏବଂ ପରିବର୍ତ୍ତନର ଏକ ବର୍ଷ। ନୂତନ ବର୍ଷର ଅନେକ ଅନେକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ! ଆସନ୍ତୁ ଏହାକୁ ଆମର ସର୍ବୋତ୍ତମ କରିବା !!!

# ପାଣିବୋତଲ

ମୃଣାଳମନ୍ତ



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଆଜିକାଲି ଚାରିଆଡ଼େ ଦିଶୁଛନ୍ତି ଏମାନେ । ମନ୍ଦିର ହେଉ ବା ମଧୁଶାଳା, ରାଷ୍ଟ୍ରପତିଙ୍କ ସମ୍ମିଳନୀ କକ୍ଷ ହେଉ ବା ବସ୍ତିର ପଲିଥିନ୍ ଛାଉଣୀ ଘର, ଉଡ଼ାଜାହାଜ ହେଉ ବା ଲୋକାଲ୍ ଟ୍ରେନ୍- ଏମାନେ ସର୍ବତ୍ର ବିଦ୍ୟମାନ ।

ମୁଁ ପ୍ଲାଷ୍ଟିକ ପାଣିବୋତଲ ଥା କହୁଛି । ଚାରିଆଡ଼କୁ ଯଦି ଚାହିଁବେ, ଦେଖିବେ ସବୁଠିଁ ଏ ବୋତଲଗୁଡ଼ିକ ଦିଶୁଛନ୍ତି । ଖାଲି ଦିଶୁଛନ୍ତି କହିଲେ ଭୁଲ ହେବ, ଶୋଭା ପାଉଛନ୍ତି । ଖବରକାଗଜ, ପତ୍ରପତ୍ରିକାରେ ବିଜ୍ଞାପିତ ହେଉଛନ୍ତି । ହୋର୍ଡିଂ, ବ୍ୟାନରରେ ବିରାଜୁଛନ୍ତି। ପାନଦୋକାନଠୁଁ ଆରମ୍ଭ କରି ମନୋହରି ଦୋକାନ, ରେଷ୍ଟୋରାଁ ସବୁଠି ପାଣି ବୋତଲ ବନ୍ଦୀ ହୋଇ ବିକ୍ରି ହେଉଛି । ଟ୍ରେନ୍‌ରେ ଆଉ ପାଞ୍ଚଟା ଜିନିଷ ଭଳି ପାଣି ବୋତଲ ବିକିବା ପାଇଁ ଲୋକ ଆସୁଛି ।

ଆଗରୁ – ଆଗରୁ ମାନେ ଖୁବ ପ୍ରାଚୀନ କାଳ କଥା କହୁନି, ଦଶ ବର୍ଷ ତଳେବି, ବୋତଲର ଏତେ ପ୍ରଚଳନ ନଥିଲା । ଟ୍ରେନ୍‌ରେ ସପରିବାର କେଉଁଠି ଗଲେ ସାଙ୍ଗରେ ଯାଉଥିଲା ମାଟି ସୁରେଇ । ଷ୍ଟେସନ୍‌ରେ ଗାଡ଼ି ରହିଲେ ବାପା ସୁରେଇ ଧରି ପାଣି ଆଣିବାକୁ ଧାଁଇଲେ । ଝରକା ପାଖରେ ମାର ଉଦ୍‌ବିଗ୍ନ ମୁହଁ : ଦେଖିଲୁ କୁଆଡ଼େ ଗଲେ । ଆସିଲେ କି ନାହିଁ ! ଟ୍ରେନ୍ ଛାଡ଼ିଦେବ ଯେ !

ଆଜିକାଲି ଏ ଦୃଶ୍ୟ କମି କମି ଯାଉଛି । ବଗିରେ ହିଁ ଆସୁଛି ପାଣି ବାଲା । ବାଲ୍‌ଟିରେ ବରଫ ଉପରେ ଶୋଇ ରହିଛି ପାଣି ବୋତଲ। କିଣ, ପିଅ । ପିଇ ସାରି ପୁଣି ସେ ବୋତଲକୁ ମୋଡ଼ିମାଡ଼ି ନଷ୍ଟ କରି ଦେବାକୁ ନିର୍ଦ୍ଦେଶ । ପ୍ଲାଷ୍ଟିକ ବୋତଲ ବାରମ୍ବାର ବ୍ୟବହାର କଲେ କୁଆଡ଼େ ଭାରି ଖରାପ । କ୍ୟାନସର ଯାଏଁ ହୋଇପାରେ । ମାଟି ସୁରେଇ ପାଇଁ ଏତେ ଭୟଙ୍କର କଥା କେହି କହି ନାହାନ୍ତି । ମାଟି ସୁରେଇର ପାଣିରେ ମାଟିର ଗୋଟେ ମିଠା ବାସ୍ନା ରହୁଥିଲା । ବୋତଲ ପାଣିରେ କିଛି ବାସ୍ନା ନାହିଁ। ହଁ, ବୋତଲ ପୁରୁଣା ହୋଇଗଲେ ଗୋଟେ ପ୍ରକାର ଦୁର୍ଗନ୍ଧ ହୁଏ ।

ପାଣି ବୋତଲବନ୍ଦୀ ହୋଇ ରହିବା ଫଳରେ ଆଉ କାହା ଘରେ କଣ ହୋଇଛି କହିପାରିବିନି, ହେଲେ ମୋ ସ୍ତ୍ରୀଙ୍କର ଭାରି ସୁବିଧା ହୋଇଛି । ଖାଇବାକୁ ଦେଲା ପରେ ଆଉ ପାଣିଗିଲାସ ଦେବା ଦରକାର ନାହିଁ । ତାକୁ ବାରମ୍ବାର ଭର୍ତ୍ତି କରିବାବି ଦରକାର ନାହିଁ । ବୋତଲଟିଏ ରଖିଦେଲେ ସଇଲା କାମ । ପିଉଥା କେତେ ପିଉଛୁ । ଗିଲାସ ମାଜିବାର ଝାମେଲା ନାହିଁ । ଖାଲି ସାବଧାନବାଣୀ ଶୁଣେଇଦେବେ : ଟେକିକି ପିଇବ । ନ ବୁଝିଲା ଲୋକଙ୍କ ପାଇଁ କହିଦିଏ ସେ ଏହା ପାଣି ବୋତଲ ପାଇଁ କହନ୍ତି। ବୋତଲ ଟେକି ପାଣି ପିଇ ପିଇ ଆମର ସେମିତି ପାଣି ପିଇବା ଅଭ୍ୟାସ ହୋଇଗଲାଣି ।

ସେମିତି ରାତିରେ ବିଛଣା ପାଖରେ ଗୋଟେ ଛୋଟ ଟିପୟରେ ପାଣିଗିଲାସ ରଖୁଥିଲେ ସେ । କଂସା ଗିଲାସରେ ରହୁଥିଲା ପାଣି । ଗିଲାସ ଉପରେ ପିତଳର ଛୋଟ ଥାଳିଆ ଘୋଡ଼ଣୀ । ସେ ବହୁ ଯୁଗ ତଳ କଥା, ସେତେବେଳେ ପାଣି ବୋତଲବନ୍ଦୀ ହୋଇ ନଥିଲା ।

ହାୟ, ହାୟ କି ଦିନ ହେଲା ! କିଏ ଭାବିଥିଲା ପାଣି ବୋତଲ ବନ୍ଦୀ ହୋଇ ବିକ୍ରି ହେବ ? ଏବେ ବୋତଲବନ୍ଦୀ ପାଣି କୁଆଡ଼େ ଭାରତରେ ହଜାରେ କୋଟି ଟଙ୍କାର ବ୍ୟବସାୟ। ଆମେ ମୂଢ଼ ନଈ ପାଣିରେ ମଇଳା ପକେଇ ପ୍ରଦୂଷିତ କରୁଛୁ । ବଡ଼ ବଡ଼ ବନ୍ଧ କରି ନଈକୁ ମାରିବାର ବାଟ କରୁଛୁ । ପୋଖରୀ ସବୁ ପୋତି ଘର ତିଆରି କରୁଛୁ । ଜଙ୍ଗଲ କାଟି ପକେଇ ଝରଣାର ତଣ୍ଟି ଚିପି ଦେଉଛୁ । ଆଉ ପାଣି କିଣି ପିଉଛୁ । ପାଣି କିଛି କମ ପଇସା ବି ନୁହେଁ । କ୍ଷୀର ଲିଟର ୪୦ ଟଙ୍କା, ପାଣି ଲିଟର ପନ୍ଦରରୁ କୋଡ଼ିଏ ଟଙ୍କା । ଟଙ୍କା । ଖୁବ ଶୀଘ୍ର ଏମିତି ଦିନ ଆସିବ ଯେତେବେଳେ କ୍ଷୀରଠୁଁ ପାଣି ମହଙ୍ଗା ହୋଇଉଠିବ । ସେତେବେଳେ ଗଉଡ଼ କ୍ଷୀରରେ ପାଣି ମିଶେଇବା ବଦଳରେ ପାଣିରେ କ୍ଷୀର ମିଶେଇବ । ଏବେ ଆମ ଘରେ କ୍ଷୀର ଦିଏ ଯେଉଁ ଗଉଡ଼, ସେ ଡେରି ହେଲେ କାରଣ ଭାବରେ କହେ, ଆଜି ପରା ମ୍ୟୁନିସିପାଲିଟି ପାଣି ସପ୍ଲାଇ ଦେବାକୁ ଡେରି କଲା । ସେତେବେଳେ ପାଣିବାଲା କହିବ, ଆଜି ପରା ଗାଈ କ୍ଷୀର ଦେବାକୁ ଡେରି କଲା । ପାଣି ବୋତଲ ବନ୍ଦୀ ହୋଇ ବିକ୍ରି ହେଲାଣି । ନିକଟ ଭବିଷ୍ୟତରେ ଦେଖିବେ, ପବନ ବି ବୋତଲ ଭର୍ତ୍ତି ହୋଇ ବିକ୍ରି ହେଉଛି । ଏବେ ଯେମିତି ଆପଣ ବାହାରକୁ ଯୁଆଡ଼େ ଗଲେ ଗୋଟେ ବୋତଲ ପାଣି ସାଙ୍ଗରେ ନେଉଛନ୍ତି, ସେମିତି ବୋତଲେ ପବନବି ସାଙ୍ଗରେ ନେବେ । ଏବେ ଯେମିତି ଆଜ୍‌ମା ରୋଗୀମାନେ ଇନହେଲର ସାଙ୍ଗରେ ନିଅନ୍ତି, ସେମିତି । ମଝିରେ ମଝିରେ ମୁହଁରେ ଲଗେଇବେ । କେତେକ ଲୋକ ତ ଦେଖିବେ ଗାଈ ମୁହଁରେ ଯେମିତି ତୁଣ୍ଡି ବନ୍ଧା ହୁଏ, ସେମିତି ମୁହଁରେ ପବନର ତୁଣ୍ଡି ଲଗେଇ ବାଟ ଚାଲୁଥିବେ । ବେଶୀ ଡେରି ନାହିଁ ସେ ଦିନ ।

# ବଦଳୁଛି ପ୍ରକୃତିର ନିୟମ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ପ୍ରତିମୁହୂର୍ତ୍ତରେ ବଦଳୁଛି ପ୍ରକୃତିର ନିୟମ। ଜଳବାୟୁ ପରିବର୍ତ୍ତନରେ ଆସିଛି ବ୍ୟାପକ ଅସ୍ୱାଭାବିକତା। ବହୁପୂର୍ବରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀ ଉପରେ ପଡିଆସିଛି। ଲଗାତର ଗ୍ରୀଷ୍ମପ୍ରବାହ, ଆକାଶରୁ ନିଆଁବର୍ଷା, ଭୟଙ୍କର ମରୁଡି, ପ୍ରବଳ ଝଡତୋଫାନବାତ୍ୟା, ଭୂସ୍ଖଳନ, ଭୂମିକମ୍ପ, ସମୁଦ୍ରଜଳପତ୍ତନ ବୃଦ୍ଧି ପ୍ରଭୃତି ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ଥରହର। ଏହାର କୁପରିଣାମ ଭୋଗୁଛନ୍ତି ସାରାବିଶ୍ୱର ଜୀବଜଗତ। ପୃଥିବୀର ଉତ୍ତାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମନୁଷ୍ୟକୃତ କାର୍ଯ୍ୟ ଇନ୍ଧନ ଦହନ, ଗାଡ଼ିମଟରରୁ ନିର୍ଗତ କାର୍ବନଡାଇଅକ୍ସାଇଡ୍ ଦ୍ୱାରା ଏବଂ ଶକ୍ତିଉତ୍ପାଦନ ପାଇଁ ଇନ୍ଧନ ଜଳାଉ। ୧୮୫୦ ମସିହାରେ ଶିଳ୍ପବିପ୍ଳବରେ କୋଇଲାରୁ ଶକ୍ତିଉତ୍ପାଦନ ହୋଇଥିଲା। ଅଧିକ କୋଇଲା ଜାଳିବାଫଳରେ ବାୟୁମଣ୍ଡଳ ପ୍ରଦୂଷିତହୋଇ ଜୀବଜଗତ ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଏହାଦ୍ୱାରା ମଧ୍ୟ ପାଣିପାଗର ପରିବର୍ତ୍ତନ ଘଟେ। ପାଣିପାଗର ଅସମାନତା ଦେଖାଯାଏ।

ଗ୍ରୀଷ୍ମପ୍ରବାହ ବୃଦ୍ଧିଦ୍ୱାରା ସ୍ୱାସ୍ଥ୍ୟସମସ୍ୟା ବଢୁଛି। ମୃତ୍ୟୁର ତାଣ୍ଡବ ସୃଷ୍ଟି ହେଉଛି। ଜଳବାୟୁ ପରିବର୍ତ୍ତନରେ ପରିବେଶ ପ୍ରଦୂଷଣ ଯୋଗୁ ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ବ୍ୟାପକ ଭାବେ ହୋଇ ଚର୍ମକର୍କଟରୋଗ ବ୍ୟାପୁଛି। ପରିବର୍ତ୍ତିତ ଜଳବାୟୁରେ କୃଷି ଭୀଷଣ ଭାବେ ପ୍ରଭାବିତ। ଗଜାମରୁଡି, ରୋଗପୋକ ଯୋଗୁଁ ଖାଦ୍ୟଶସ୍ୟ ଅମଳ କମିଯାଉଛି। ମୃତ୍ତିକାର ତାପମାତ୍ରା ବୃଦ୍ଧିରେ ବିହନ ଗଜାହେବା କ୍ଷମତା ହରାଏ। ଜଳବାୟୁ ପରିବର୍ତ୍ତନ ପ୍ରାକୃତିକ ପରିବେଶକୁ ବିଗାଡ଼ିଦେଇଛି। କେଉଁଠି ଅତ୍ୟଧିକ ବର୍ଷା ଆଉ କେଉଁଠି ଅସହ୍ୟ ଗରମ ଅନୁଭବ ହେଉଛି। ଛ'ଋତୁ ମଧ୍ୟରୁ ଏବେ କେବଳ ବର୍ଷା, ଶୀତ, ଗ୍ରୀଷ୍ମ ଋତୁ ଜଣାପଡୁଛି। ଅନୁପାତ ମଧ୍ୟ ଠିକ୍ ରହୁନି। ଏହାର ପ୍ରଭାବ ଜନସମାଜ, ବୃକ୍ଷଲତା, ଜୀବଜନ୍ତୁ, ଶୈବାଳ, ସାମୁଦ୍ରିକ ପ୍ରାଣୀ ଉପରେ ପଡୁଛି।

ଆକାଶରେ ବରଫ ତରଳୁଛି। କଳା ବରଫଯୋଗୁ ତରଳୁଛି ଗ୍ଳାସିୟର। ଜଳମଗ୍ନ ହୋଇଯିବ ବଡ଼ବଡ଼ ସହର। ପ୍ରାକୃତିକ ପରିବେଶ ବଦଳିଯିବ। ଜଙ୍ଗଲରେ ଲାଗିବ ନିଆଁ। ଲିଭୁଲିଭୁ ବହୁଦିନ ଲାଗିବ। ପ୍ରତିବର୍ଷ ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ି ଛାରଖାର ହୋଇଯାଉଛି। ବେଳେବେଳେ ଚାଷପାଇଁ ମଣିଷ ବି ଜଙ୍ଗଲରେ – ଧାନ କଟାହେଲାପରେ ଧାନବିଲରେ ନିଆଁ ଲଗେଇଦିଅନ୍ତି। ଏହାଦ୍ୱାରା ପ୍ରବଳଭାବରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲପୋଡି ମଣିଷପାଇଁ ହାନିକାରକ। ବ୍ରାଜିଲର ଆମାଜନ ଜଙ୍ଗଲରୁ ପୃଥିବୀର ୨୦ ପରସେଣ୍ଟ ଅମ୍ଳଜାନ ମିଳିଥାଏ। ଆମାଜନ୍ ଜଙ୍ଗଲରେ ନିଆଁଲାଗି ଏହାର ବ୍ୟାପକ କୁପ୍ରଭାବ ବିଶ୍ୱଉପରେ ପଡିଛି। ଏହାର ବିଷାକ୍ତ ଗ୍ୟାସଦ୍ୱାରା ହୃଦ୍‌ରୋଗ, କ୍ୟାନ୍‌ସର୍ ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି। ୧୯୧୯ରେ ଆମାଜନ୍ ଜଙ୍ଗଲରେ ମାସମାସଧରି ନିଆଁ ଲାଗିରହିବାଫଳରେ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। କେବଳ ଆମାଜନ୍ ଜଙ୍ଗଲ ନୁହେଁ – ପୃଥିବୀର ଅନେକ ଜଙ୍ଗଲରେ ପ୍ରତିବର୍ଷ ନିଆଁଲାଗି ବ୍ୟାପକ କ୍ଷୟକ୍ଷତି ହେଉଛି।

ଗ୍ରୀସ୍‌ରେ ଜଂଗଲରେ ଲାଗିଛି ନିଆଁ। ଭୟାବହ ଅଗ୍ନିକାଣ୍ଡରେ ଜନଜୀବନ ଅସ୍ତବ୍ୟସ୍ତ। ସମଗ୍ର ଗ୍ରୀସ୍‌ରେ ବାଦଲରେ ଘୋଟିଯାଇଛି କଳାଧୂଆଁ। ଶୁଖିଲା ପାଗ ମେ' ଜୁନ ମାସରେ ସ୍ୱାଭାବିକ ଭାବେ ଜଂଗଲରେ ନିଆଁ ଲାଗେ। ଏଥର ଜୁଲାଇ ଶେଷ ସପ୍ତାହରେ ବର୍ଷା ଆରମ୍ଭରୁ ଜଂଗଲରେ ଲାଗିଛି ନିଆଁ। ଏଇଭଳି ଅବସ୍ଥା ଉପୁଜିଲେ ଜଂଗଲ ସବୁ ଖୁବ୍ କମ୍ ସମୟରେ ନିଶ୍ଚିହ୍ନ ହୋଇଯିବ। ଦିନକୁଦିନ ପ୍ରାକୃତିକ-ମନୁଷ୍ୟକୃତ ନିଆଁର ଆଁରେ ଜଂଗଲ ଘର ପଶିଯାଉଛି – ଦିନେ ଏ ଦୁନିଆକୁ ଜାଳିପୋଡ଼ି ପାଉଁଶ କରିଦେବ।

ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ। କଳକାରଖାନା, ମଟରଗାଡ଼ି, ଚିମିନୀ ଆଦିରୁ ନିର୍ଗତ ଧୂଆଁ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହୁଏ। ଏହାଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧିପାଏ। ପାଣିରେ ଅଧିକ ମାତ୍ରାରେ ଲବଣପଦାର୍ଥ ମିଶିଲେ ଜଳ ପ୍ରଦୂଷିତ ହୁଏ। ସମୁଦ୍ରପାଣି ଲୁଣିଆ। ଏବେ ସାରାବିଶ୍ୱରେ ଯେଉଁ କିଣା ବୋତଲପାଣି, ଅନ୍ୟାନ୍ୟ ଠିପିବନ୍ଦ ପାନୀୟ ବୋତଲ ପାନ କରୁଛେ – ବେପାରୀମାନେ ଅଧିକ ସମୟ ଗୋଦାମରେ ରଖି ବିକ୍ରିକରିବାପାଇଁ କେମିକାଲ ଦେଇଦିଅନ୍ତି। ସେସବୁ ପାନୀୟ ପାଟିକୁ ମିଠା, ପେଟକୁ ବିଷ ସମାନ। ଆମେ ଜାଣି ହେଉ ବା ଅଜଣାରେ ହେଉ ବିଶ୍ୱ ବିଷଭଣ୍ଡାରରୁ ସେଇ ବିଷସବୁ ପିଇବାରେ ଲାଗିଛେ – ଯାହାଦ୍ୱାରା ମଧୁମେହ ରୋଗଠାରୁ ଯାବତ୍‌ପ୍ରକାର ଦୁରାରୋଗ୍ୟ ବ୍ୟାଧିର ଶିକାର ହେଉଛେ। ଫଳରେ ବିନା ଔଷଧରେ ଦିନ କଟୁନି। ପୁଣି ଔଷଧ ମଧ୍ୟ ଭେଜାଲ୍।

ଏବେ ମୌସୁମୀ ବାଟବଣା ହୋଇଗଲାଣି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଋତୁଚକ୍ରର ମଧ୍ୟ ପରିବର୍ତ୍ତନ ପ୍ରଭାବିତ। ଗ୍ରୀଷ୍ମଋତୁ ବଢ଼ିଯାଉଛି – ବର୍ଷା, ଶୀତଋତୁ କମିଯାଉଛି। ନିଶ୍ୱାସପ୍ରଶ୍ୱାସ ପାଇଁ ଶୁଦ୍ଧବାୟୁ, ଉତ୍ତମ ପାନୀୟଜଳ, ସୁରକ୍ଷିତ ବାସସ୍ଥାନ ମିଳିବା କଷ୍ଟକର ହୋଇପଡୁଛି। ଅତ୍ୟଧିକ ବର୍ଷା ଓ ବନ୍ୟା, ଅନାବୃଷ୍ଟି, ଝଡତୋଫାନ, ଗ୍ରୀଷ୍ମପ୍ରବାହ ଯୋଗୁଁ ପ୍ରତିବର୍ଷ ଲକ୍ଷଲକ୍ଷ ଜୀବଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ସମଗ୍ର ଜଗତ୍ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। କେବଳ ମାନବଜାତି ପ୍ରଭାବିତ ହେଉନାହାଁନ୍ତି – ଜୀବଜନ୍ତୁଙ୍କ ଉପରେ ପ୍ରଭାବ ପଡୁଛି। ଅତ୍ୟଧିକ ତାପମାତ୍ରା ଯୋଗୁଁ ଅନେକ କୀଟପତଙ୍ଗ, ପଶୁପକ୍ଷୀ ମରିଯାଉଛନ୍ତି। ପୋଖରୀ, ନଈ, ସମୁଦ୍ରରେ ଜଳଚର, ମାଛମାନେ ମରି ଭାସୁଛନ୍ତି। ଭୌଗୋଳିକ କ୍ଷେତ୍ର ଓ ବିଭିନ୍ନ ପ୍ରଜାତିଙ୍କ ଠାରେ ଆକାର ପରିବର୍ତ୍ତନ ଘଟିବାରେ ଲାଗିଛି। ପାଖାପାଖି ୧୦ଲକ୍ଷ ପ୍ରଜାତି ବିଲୁପ୍ତ ହେବାର ଆଶଙ୍କା ପ୍ରକାଶ ପାଇଲାଣି। ଆଉ କୋଇଲିର ଦେଖାନାହିଁ। କୁହୁକୁହୁ ଗୀତ ଗାଉନି। ଭଦଭଦଳିଆ ପକ୍ଷୀ ବିଲୁପ୍ତିର ପଥେ – ବିରଳ ହେବାକୁ ଯାଉଛି ପ୍ରଜାପତିର ଚିତ୍ରିତ କଳେବର। 'ଘରଚଟିଆ' କୁଆଡେ ବୁଲୁଛନ୍ତି – ତାଙ୍କର ଦେଖାନାହିଁ। ସାମୁଦ୍ରିକ କଇଁଛ, ଅତ୍ୟଧିକ ଥଣ୍ଡାରେ ବାସକରୁଥିବା 'ମେରୁଭାଲୁ' ଗରମ ସହ୍ୟ କରିନପାରି ମରମର ଅବସ୍ଥାରେ।

ଜଳବାୟୁ ପରିବର୍ତ୍ତନ ପାଇଁ ଚୀନ୍ ବହୁଳାଂଶରେ ଦାୟୀ। ଚାଇନା କମ୍ୟୁନିଷ୍ଟ ପାର୍ଟି ସମାଜବାଦ ରାସ୍ତାରୁ ହଟି ସଂଶୋଧନବାଦ, ପୁଞ୍ଜିବାଦ ରାସ୍ତାରେ ଜିଦିଆ ସର୍ବୋଚ୍ଚନେତା ଡେଙ୍ଗ-ସିଆଙ୍ଗଫି ୪୦ବର୍ଷ ପୂର୍ବରୁ ସମୁଦ୍ରରେ ନୂଆ ବିରାଟ ପାଚେରି ସୃଷ୍ଟିକରି ମହାଧନୀ ହେବାକୁ କାର୍ଯ୍ୟ କଲେ। ସଂପତ୍ତି ବୃଦ୍ଧିର ନିଶା ଯେ ଭବିଷ୍ୟତରେ ଧ୍ୱଂସଆଡକୁ ଗତି କରିବ – ସେ କଥା ନେତାମାନେ ମନକୁ ହେଜିନଥିଲେ। ସମୁଦ୍ରପତ୍ତନ ବୃଦ୍ଧି ହେଲେ ସବୁକିଛି ବୁଡ଼ିଯିବ – ଯାହାକି ୨୦୫୦ବେଳକୁ ହେବାକୁ ଯାଉଛି ବୋଲି ବୈଜ୍ଞାନିକମାନେ ସତର୍କ କରାଇଦେଲେଣି। ଚୀନବାସୀ ଝଡତୋଫାନ୍, ବନ୍ୟାରେ ବୁଡିଯିବେ। ଚୀନ୍‌ର ପଶ୍ଚିମରୁ ଦକ୍ଷିଣ-ପୂର୍ବଆଡକୁ ତୋଫାନ୍ ମାଡିଆସିବ। ଡେଙ୍ଗଙ୍କ ଦୂରଦୃଷ୍ଟିବିହୀନ କାର୍ଯ୍ୟକଳାପ ପାଇଁ ଚାଇନାବାସୀ – ଏପରିକି ବିଶ୍ୱବାସୀଙ୍କୁ ମୂଲ୍ୟ ଦେବାକୁ ପଡୁଛି।

ଚାଇନାର ବନ୍ୟାରେ ହଜାରହଜାର ଜନଜୀବନ-ଧନସଂପତ୍ତି ଛାରଖାର ହୋଇଯାଉଛି। କେବଳ ଚୀନ୍ ନୁହେଁ, ବିଭିନ୍ନ ଦେଶରେ ପ୍ରଳୟଙ୍କାରୀ ବନ୍ୟାର ପ୍ରକୋପ ଦେଖାଦେଉଛି। ଚାଇନାର 'ନୀଳସାଗର' ସେ ଦେଶପାଇଁ ଆଗକୁ ବିପଦକୁ ଡାକିଆଣୁଛି। ସଂପ୍ରତି ଜି-ଜିନ୍‌ପିଙ୍ଗ୍ ଯୁଗରେ ବହୁ ଗଣତାନ୍ତ୍ରିକ ଦେଶ ବିମୁଖ। ଚୀନ ୟୁକ୍ରେନ୍ ଯୁଦ୍ଧରେ ରୁଷ ପକ୍ଷରେ ଅଛି। ବର୍ତ୍ତମାନ ସମଗ୍ରବିଶ୍ୱରେ ଚାଇନା ତା'ର ଉତ୍ପାଦିତ ଦ୍ରବ୍ୟକୁ ଶସ୍ତାରେ ବିକ୍ରି କରୁଛି – ଯାହାଫଳରେ ଅନ୍ୟ କେତେକ ଦେଶ ଚୀନ୍ ବିରୁଦ୍ଧରେ ଯାଇପାରୁନାହାଁନ୍ତି କି ନିଜେ ପ୍ରୟୋଜନୀୟ ସାମଗ୍ରୀ ଉତ୍ପାଦନ କରିପାରୁନାହାଁନ୍ତି। ଫଳରେ ଚାଇନା ସାମଗ୍ରୀ ଉପରେ ନିର୍ଭରଶୀଳ। ବ୍ରିଟିଶ୍ ଭଳି ଚୀନ୍ ନେତୃତ୍ୱ ବର୍ତ୍ତମାନ ବିଭେଦନୀତି ଆପଣାଇ ଶାସନ କରୁଛି। ଆମେରିକାକୁ ପଛରେ ପକାଇ ଚୀନ୍ ଆଗେଇଯାଉଛି। ବିଶ୍ୱଜଳବାୟୁ ସଂସ୍ଥାକୁ କିମ୍ବା କୌଣସି ବିଶ୍ୱସଂସ୍ଥାକୁ ଖାତିରିନାହିଁ। ଏହି ଜି-ଜିନ୍‌ପିଙ୍ଗ ବିଶ୍ୱଧ୍ୱଂସର ଜଣେ କାଣ୍ଡାରି ଭାବେ ଇତିହାସରେ ନାଁ ରଖିଦେଇଯିବେ।

ବିଶ୍ୱଜଳବାୟୁ ପରିବର୍ତ୍ତନ ସଂସ୍ଥାରେ ସବୁଦେଶ ମିଶି ସକାରାତ୍ମକ କାର୍ଯ୍ୟକରିବାକୁ ନିଷ୍ପତ୍ତି ନିଅନ୍ତି। ସେ ନିଷ୍ପତ୍ତିକୁ ଅଧିକାଂଶ ଦେଶ କାର୍ଯ୍ୟକାରୀ କରୁନାହାଁନ୍ତି। ଏହି ସଂସ୍ଥା ପରିଚାଳନା ପାଇଁ ଆମେରିକା ଯେଉଁ ଅର୍ଥ ଦେଇଆସୁଥିଲା – ତା'ର ଅର୍ଥନୈତିକ ସଂକଟ ଯୋଗୁଁ ସେ ଦେଇପାରୁନି। ସିଂହଭାଗ ଅର୍ଥ ନପାଇ ସଂସ୍ଥା ଏକପ୍ରକାର ଅଚଳ ଅବସ୍ଥାରେ ଅଛି। ତା'ହେଲେ ଏ ବିଶ୍ୱ ତିଷ୍ଠିବ କିପରି ?

ଏବେ ଭାରତ, ୟୁରୋପୀୟ ଦେଶମାନଙ୍କରେ ଭୀଷଣ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସାଧାରଣ ଜୀବନଯାତ୍ରା ବ୍ୟାହତ। ପ୍ରବଳ ଗରମ ଓ 'ଲୁ' ପ୍ରବାହ ଯୋଗୁଁ ଅନେକ ଲୋକଙ୍କ ପ୍ରାଣବାୟୁ ଉଡିଯାଉଛି। ଆମେ ଜନ୍ମ ହେଇଛେ ଦିନେନା ଦିନେ ମରିବା। ମାତ୍ର ଆମେ ଅନ୍ୟଦୋଷରୁ ଏବଂ ନିଜଦୋଷରୁ ପୋକମାଛିଭଳି ମରିବା କାହିଁକି ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଅସହାୟ ମଣିଷ !

**ବନଜ୍ୟୋତ୍ସ୍ନା ବିଶ୍ୱାଳ**

ମୁଁ ମଣିଷ !
ପଞ୍ଚତତ୍ତ୍ୱରେ ଗଢ଼ା ହୋଇଥିବା,
ଅନୁଭବ ଓ ଭାବପ୍ରବଣତାର ଚଳନ୍ତି କଣ୍ଢେଇ।
କେବେ ମୁହିଁ ସୃଷ୍ଟି କରେ ଅନେକ ସମ୍ଭାର,
ଅତିକ୍ରମି ପାରେ ମୁହିଁ ସମଗ୍ର ଜଗତ।
କିନ୍ତୁ ଅସହାୟ !
ପରିବର୍ତ୍ତନକୁ ଗ୍ରହଣ ନ କରିବା ପ୍ରୟାସ,
ଆଉ ଜୀବନ୍ତ ରହିବାର ଅଭିଳାଷା।
ଭାରସାମ୍ୟ ହରାଇ ବସେ ଭାବପ୍ରବଣତା,
ଛୋଟ ଶିଶୁଟିଏ ପରି ଅସହାୟ ପାଲଟେ।
ଆଶାର ଆଲୋକ !
ଖୋଜି ବୁଲେ ଆଶାର ଆଲୋକ,
ଭଲ ଅନୁଭୂତି ପାଇବାର ବ୍ୟାକୁଳତା।
ବୁକୁଫଟା କୋହ ଆଉ ଲୁହକୁ,
ଓଜାଡ଼ି ଦେବାକୁ ମଜବୁତ୍, ବିଶାଳ ଛାତିଟିଏ...।
ଅସୀମିତ ଶୂନ୍ୟତା !
ଶୂନ୍ୟତାର ଛାତି ଅସୀମ, ଅନନ୍ତ,
କେତେ ଯୁଗର ଲୁହ ଆଉ କୋହ ପାଇଁ...।
ଶିଥିଳ ଦେହ ଆଉ ମନଟାକୁ ଟାଣିନିଏ,
ସେହି ଶୂନ୍ୟତାର ମଜବୁତ୍ ହାତ।
ମୁଁ ମଣିଷ !
ଅସ୍ତବ୍ୟସ୍ତ କ୍ଷତାକ୍ତ ଅସ୍ତିତ୍ୱକୁ,
ପୁନଃ ଏକତ୍ରିତ କରି ଆଶା ବାନ୍ଧେ।
ଆଉ ଟିକେ ମଜବୁତ୍ ଢଙ୍ଗରେ,
ଚାଲିବାକୁ ଅନିଶ୍ଚିତ ଜୀବନ ପଥରେ।

*ଭାଣପୁର, ଗୋପାଳପୁର, କଟକ-୭୫୩୦୧୧*
*ମୋ-୮୧୪୪୫୫୭୪୬୧*

## କେମିତି ଦେବି ପ୍ରତିଶ୍ରୁତି

**ଇନ୍ଦୁମତୀ ପାତ୍ର**

ରାତି କି ଅରାତି
କିଏ ଚୋରାଇ ନେଲା ସ୍ୱପ୍ନ
ଜଣା ନାହିଁ ,
ଆଖି ଖୋଲିଲା ବେଳକୁ
ଭୋର ଗୋଟାଏ ସକାଳ
ଆବୋରି ବସିଛି ମୋ ଘର
ଅଗଣା, ଆଉ ଆଖି ଇଲାକାର
ଯେତେ ଯେତେ ବିଭବ ମାନଙ୍କୁ।
ପୂର୍ବାଶା ମାଗୁଛି ପ୍ରତିଶୃତି
ଗୋଟାଏ ସୁସ୍ଥ ସମୟର,
ଯାହା ଦେଇ ପାରିବିନି ବୋଲି
କହିଛି କେତେ ଥର ,
ହେଲେ ଅଝଟିଆ କୁନି ପୁଅ ପରି
ସେ ଜିଦରେ ଅଟଳ ।
ଏବେ ତ ମୋ ଅନ୍ତଃ କରଣରେ
ଅବିଶ୍ୱାସର ଝଡ଼
ସ୍ୟାଣ୍ଡି କି ଲଇଲାର ଭୟ,
ପାପକୁ ଡର ଆଉ ପାପୀଙ୍କୁ ବି ଡର ,
ରୋଗକୁ ଡର ଆଉ
ରୋଗୀଙ୍କୁ ବି ଡର
ଚାରିଆଡ଼ ସଂକ୍ରମିତ
ଗୋପନ ବ୍ୟଭିଚାର।
ଏବେ ମନ୍ଦିର ଯିବାକୁ ଡର ,
ସେଠି ଦିଅଁ ବଦଳରେ
ଦାନବଙ୍କ ଭିଡ଼,
ପୂଜା ଡାଲାରେ ନୈବେଦ୍ୟ
ନା ବୋମା ବିସ୍ଫୋରଣ ,
କଳି ହୁଏନା -
ରକ୍ତ ଗୋଲାପ ସହ ଚିଠି
ପ୍ରେମର, ନା ଧର୍ଷିତାର ଇସ୍ତାହାର ।
ତେବେ କାହାକୁ ଦେବି ପ୍ରତିଶୃତି ?
ବିସ୍ଥାପିତଙ୍କୁ, ନା ଚାଷୀ ମୁଲିଆ
ସଙ୍ଘକୁ, ନା ନାରୀ ସୁରକ୍ଷା ସମିତିକୁ,
ଗୋଟାଏ ଜାଗି ନ ଥିବା ଜାତିକୁ
କୋଉ ମୋହିନୀ ମନ୍ତ୍ରରେ
ବଶ କରିବି,
ନା ଇଚ୍ଛାବତୀ ପୁରର ଇଚ୍ଛାମାନଙ୍କୁ
ନିର୍ବାସନ ଦେବି।
ଏବେ ତ କୁଆଁରୀ ବଉଳ
ବିଛାଡ଼ି ପାରୁନି ବାସ
କି ରୂପବତୀ ଝିଅ
ଚହଟାଇ ପାରୁନି ହସ,
ଶେଷ ଗତି ସ୍ୱର୍ଗ ଦ୍ୱାର
ନା ଦଲାଲଙ୍କ ସାମ୍ରାଜ୍ୟ ,
କୋଉଠି ଅଛି ଶାନ୍ତି ?
କିଏ ଦେବ ପ୍ରତିଶୃତି ?
ନିଜେ ଜଗନ୍ନାଥ ବି ସନ୍ଦିହାନ
କାଠ ପାଷାଣ ପରି
ମ୍ଳାନ ମଉନ।

*ଗୌରତୋଟାସାହି, କେନ୍ଦୁଝରଗଡ଼*
*ମୋ-୯୮୬୧୬୪୯୦୨୯*

## ବର୍ଷ ଶେଷ

**ସୁନନ୍ଦା ମିଶ୍ର ପଣ୍ଡା**

ବାରଟି ମାସର ଦୁର୍ଲଭ ମୁହୂର୍ତ୍ତ ମାନଙ୍କଠାରୁ
ମୁଁ ଖସି ଚାଲି ଆସିଛି ଓ ସେମାନଙ୍କୁ ଠକି ଦେଇଛି
ବାକି ଋଣ ଶୁଝି ଶୁଝି
ଆତ୍ମୀୟତା, ସ୍ନେହ, ପ୍ରେମ ଓ କର୍ତ୍ତବ୍ୟର ଅମାର ଶୂନ୍ୟ କରିଛି ।
ମୋର ବିଶ୍ୱାସ ଥିଲା ଭରସା ବି ଥିଲା
ସୁଖ ଫେରି ଆସିବ,
ମନର ଅସୁମାରି ସମ୍ଭାବନା ନେଇ ।

ଘଣ୍ଟା ଘଣ୍ଟା,
ଦିନ ଦିନ,
ମାସ ମାସ,
କେଉଁ ଆଡେ ଯାଏ କେଜାଣି
ନା ଧରିହୁଏ ନା ମନେରହେ
ଖାଲି ଯାହା ସ୍ମୃତିହୋଇ ରହିଯାଏ।

ଯନ୍ତ୍ରଣାର ସୁର ସବୁ
ବୁକୁରେ ଚପାଇ
ଶୂନ୍ୟତାର ମିଶ୍ରଣରେ
କିଛିଟା ଭାବନାକୁ
ଏକାନ୍ତ ନିଜର କରିନିଏ ।

ତଥାପି
ପୂର୍ଣ୍ଣତାର ସମ୍ଭାବ୍ୟ ମୂହୁର୍ତ୍ତ ମାନେ
ହରାଇଥିବା ଆଶା ପ୍ରାପ୍ତିରେ
ଜୀବନ ସଙ୍ଗୀତ ଗାଇ ଯାଆନ୍ତି ।

ଜୀବନର ନଥିପତ୍ର
ଯଦି ଖାଲି ଜୀଇବାର ପାଇଁ
ତେବେ

ଶରୀରର ପ୍ରତିଶ୍ରୁତି
ତୁଷ୍ଟହୁଏ କ୍ଷୁଧା ଓ ତୃଷ୍ଣାରେ
ସବୁକ୍ରିୟା ବିସ୍ମୟ ବାଚକ !

କେଉଠି ମୁଁ ଲଗାଇବି,
କର୍ତ୍ତା -କର୍ମ -କ୍ରିୟାର
ପ୍ରୟୋଗ ବାଚକ ?
ନିଜସ୍ୱ ତାହେଲେ କଣ ?

ଲୋଭ ନା ଈର୍ଷା
ହସ ନା କାନ୍ଦ
ସୁଖ ନା ଦୁଃଖ
ସତ୍ୟ ନା ମିଥ୍ୟା
ଜନ୍ମ ନା ମୃତ୍ୟୁ

ଈଶ୍ୱରଙ୍କ ଜନ୍ମ ମୃତ୍ୟୁ ଖେଳ ଭଳି
ପୃଥିବୀ ତାର ଘୂରେ
ସମୟର ତାଳେ
ନୂଆ ଓ ପୁରୁଣା ବର୍ଷର ନାଁ ନେଇ ..
ବିଶ୍ୱାସରେ ଇଡ଼ିଗଲା ସ୍ୟାହି ଭଳି
ଜ୍ୱଳନ୍ତ କାହାଣୀର ଇତିହାସ ରଚିଯାଏ ।
ସେ ପ୍ରତ୍ୟାବର୍ତ୍ତନଶୀଳ
ସେ ଉଭା ଓ ଉଭାନ
ଆମରି ହୃଦୟ ଭଗ୍ନାଂଶରେ ।

*ଟୋରୋଣ୍ଟୋ, କାନାଡା*
*ମୋ-୧୬୪୭୮୩୮୯୮୮୪*

## ନୂଆ ବରଷ

**ରାହାସ କୁମାର ବେହେରା**

ଜନ୍ମ ଆଉ ମୃତ୍ୟୁ,
ଦିନ ଆଉ ରାତି-
ଆରମ୍ଭ ପୁଣି ଶେଷ,
ଏତ ସମୟର ଖେଳ।

କେବେ ସୃଷ୍ଟି ହୋଇଛି ଏ ଧରଣୀ,
କେବେ ଉଇଁଛି ପ୍ରଥମ ସୂର୍ଯ୍ୟ ?
ଶୀତଳ ପରଶ ନେଇ
ଜନମନ ମୋହି ଆସୁଛି-
ଅୟୁତ କାଳୁ
ଜହ୍ନ, ତାରା, ପାଣି ଆଉ ପବନ ...।

ଏଠି ଫୁଲ ଫୁଟେ ସକାଳେ,
ଭଅଁର ଦେଖେ-
ସଞ୍ଜ ହେଲେ ଉଡ଼ିଯାଏ।
ଫୁଲ ମଉଳିଯାଏ,
ମିଠା ମିଠା ଫଳ ଧରେ,
ପାଚିଲେ ପୁଣି ଝଡ଼ିଯାଏ।

ଜୀବନ-
ଶିଶୁରୁ କିଶୋର,
କିଶୋରରୁ ଯୌବନ,
ପୌଢ଼ ପରେ
କୋକେଇରୁ ନିଆଁ
ଅବା ମାଟିରେ ଶେଷ।

ସେ ପିଲାଦିନର
କେତେ ସାଙ୍ଗସାଥି,
ବାଲିଘର, ବିବାହ, ଭୋଜିଭାତ-
ଏ ଜୀବନ ଆଉ
ଏକ ମଧୁର ସମ୍ପର୍କ।

କେତେ ଉତ୍ଥାନ, କେତେ ପତନ,
ଘନଘଟାର ପରିବେଶ, ପ୍ରତିବାସୀ-
କେବେ ଯୁଦ୍ଧ,
କେବେ ବନ୍ଧୁତ୍ୱ,
ହାତ ମିଳାମିଶା,
ହସଖୁସି,
ଭାବର ଆଦାନ-ପ୍ରଦାନ।

ଆଜି ପରିବାର, ଗାଁ, ରାଜ୍ୟ, ଦେଶ, ପୃଥିବୀ-
ସବୁ ଲାଗୁଛି ଖୁବ ନିକଟ,
ମନ ଛୁଇଁଛି ମଙ୍ଗଳ ଗ୍ରହକୁ,
ବୁଲୁଛି ସୌରଜଗତରେ।

କେମିତି ମାପିବି ବୟସକୁ, ସମୟକୁ-
ଦିନରେ ? ଦଣ୍ଡରେ ?
ଘଣ୍ଟା, ମିନିଟରେ ?
ସ୍ମୃତିକୁ କଣ
ଗୋଟେ ସୀମାରେ
ବାନ୍ଧି ରଖିହେବ ?

ସରିଲା ଜାନୁଆରୀ, ଫେବୃଆରୀ
ଆଜି ଡିସେମ୍ବର,
କାଲି ପୁଣି ଏକ ନୂଆ ବର୍ଷ।

ପୃଷ୍ଠା ପରେ ପୃଷ୍ଠା
ବଦଳୁଛି କ୍ୟାଲେଣ୍ଡର,
ହେଲେ ବଦଳିନାହାନ୍ତି-
ଆମ ଘର,
ତା'ର ଚହଟ ଚିକଣ କାନ୍ଥ,
ଆମ ଭଲପାଇବା,
ବାପାଙ୍କ ତ୍ୟାଗ,
ମାଆର ସ୍ନେହ।

ତେଣୁ-
ଆସ, ଗାଇବା, ନାଚିବା
ସେଇ ନୂଆ ଦିନ ପାଇଁ।
ଦେଖ-
ଆସୁଛି ଯେଉଁ ନୂଆ ସକାଳ,
ନୂଆ ବରଷ।

*ବାଲ୍ୟାମ୍ବା,ଭାପୁର,ଢେଙ୍କାନାଳ-୭୫୯୦୧୫*
*ମୋ-୯୪୩୮୧୧୪୩୬୮*

## ନୂଆ ବରଷରେ ଶୀତ !!


**କୈଳାସ ଚନ୍ଦ୍ର ସାହାଣୀ**

ଶୀତରେ ଶିଶିର ପଡେ ଘନଘନ
ତନୁ ଉପବନ ଯାଏ ଥରି ,
ଗରିବ ବାପୁଡ଼ା ଦୁଃଖେ କାଳକାଟେ
ସୁଖ ଶୀରି ଧୀରେ ଯାଏ ମରି ;
ଭଙ୍ଗା ଚାଳିଆର ଫାଙ୍କ ଦେଇ ଆସେ
ହାଡଭଙ୍ଗା ଶୀତ ବାଦ କରି,
ଲୁହର ନଈରେ ଜୀବନର ଭେଳା
ଭାସୁଥାଏ କେବେ ବୁକୁ ଚିରି ।
ନିଆଁର ଉହ୍ନେଇ ଆପଣାର ଲାଗେ
ଉଷୁମ ପୋଷାକ ଖୋଜା ହୁଏ,
ଗରିବ ମଣିଷ ହେଁସ କନ୍ଥା ଲୋଡେ
ଶୀତେ ଦେହ ତାର ଥରୁଥାଏ ;
ଶୀତଳ ଜଳକୁ ଭୟ ଲାଗେ ବେଶୀ
ହସୁଥାନ୍ତି ଧନୀ ଲୋକ ଯେତେ,
ତାଙ୍କ ପାଇଁ ଶୀତ ତାପ ନିୟନ୍ତ୍ରଣ
ଅଭିନବ ବସ୍ତୁ ଅଛି କେତେ ।
ଶୀତ କେବେ ମିତ ବସେ ମନ ପରେ
ସୋରିଷ ଫୁଲର ହସ ନେଇ,
ଧାନକଟା ବେଳା ଶସ୍ୟେ ଭରା ଖଳା
ସୁଖ ଧୀରେ ମନ ଯାଏ ଛୁଇଁ ;
ନାନା ଜାତି ଫୁଲ ଫୁଟି ମହକଇ
ପ୍ରକୃତି ରାଣୀ ମୋ ମଧୁ ଝରା,
ଦୁଃଖ ପରେ ସୁଖ ଆସେ କେବେ ଦିନେ
ଥୁଣ୍ଟା ଡାଳେ ନୂଆ ପତ୍ର ଭରା ।
ନୂଆ ବରଷର ଶୀତ ଆସେ ସତେ
ମାଘମାସ ଜାଡ ଦେହେ ଧରି,
କେତେ ମଉଛବ ମେଳା ଲୀଳା ଖେଳା
ପର୍ଯ୍ୟଟନ ବଣଭୋଜି କରି
ଦୂର ଆକାଶର ନୀଳାମାରେ ସତେ
ଖେଳେ ଲୁଚକାଳି ଚିତ୍ତ ଚୋର,
ମାଟିର ମମତା ଲୋଟୁଛି ମାଟିରେ
ଫେରିବ କି ସୁଖ ଶିରୀ ମୋର !!

*ବଡବିଲ, କେନ୍ଦୁଝର*
*ମୋ-୯୪୩୭୮୪୩୨୧୯*

## ମଧୁବାଳାରୁ ମଧୁଶାଳା

**ସାରଦା ପ୍ରସାଦ ଆଚାର୍ଯ୍ୟ**



ତୁମେ ମୋ ମଧୁବାଳା,
ହସରେ ତୁମର ଫୁଲ ଫୁଟୁଥାଏ,
କଥାରେ ତୁମର ମଧୁ ଝରି ଆସେ
ମଧୁକର ସାଜି ମଧୁପ୍ରିୟ ହୁଏ।

ରୂପ ତ ତୁମର ମଧୁରେଣୁ ,
ଗୁଣ ତ ତୁମର ମଧୁପର୍ଣ୍ଣା,
ତୁମ ଚାଲିଲେ ପଦ୍ମଖସେ,
ମନ ତ ତୁମର ମଧୁରିମା।

ତୁମେ ପାଖରେ ଥିଲେ ପାଗଳ
ଭଅଁର ସାଜେ,
ତୁମ ଆଶ୍ଳେଷ ପାଇଲେ ହୃଦୟେ
ମୋର ପ୍ରୀତି ପଲ୍ଲବ ହସେ।
ଭୁଲିଗଲ ତୁମେ,
ଭୁଲି ତ ପାରୁନି,
ଆମ ପ୍ରୀତି ପ୍ରଣୟର କେତେ ଯେ
ଅଲେଖା କଥା ଓ କାହାଣୀ,
ତୁମ ବିରହରେ ଲେଖୁଛି କବିତା,
ପିଉଛି ମଦିରା ମଧୁଶାଳାରେ ମୁଁ
କାଟୁଛି ରାତି ।

ମଧୁବାଳାର ପ୍ରେମ ସାଗରରେ
ପ୍ରେମାତୁର ଥିଲି ଦିନେ,
ତୁମ ପ୍ରେମାଲିଙ୍ଗନେ ପ୍ରେମାସକ୍ତ ହୋଇ
ହଜିଯାଉଥିଲି ସବୁବେଳେ।
ମଧୁବାଳା ଏବେ ସ୍ମୃତି ହୋଇଗଲା
ତଥାପି ହୃଦୟେ ରହିଛି ମୋର,
ମଧୁ ବଦଳରେ ପ୍ରେମାଶ୍ରୁ ପିଉଛି
ହାତରେ ଧରିଛି ମଦିରା ଗିଲାସ ।

ମଧୁବାଳାର ମଧୁରସ୍ମୃତିକୁ ଭୁଲିବା ପାଇଁ,
ମଧୁଶାଳାରେ ମୁଁ ଏବେ ନୂଆ ଅତିଥି।

*ଯୋଡ଼ା, କେନ୍ଦୁଝର*
*ମୋ-୯୪୩୭୬୧୧୮୯୧*

## ଧଉଳି

**ସୁସ୍ମିତା ପଟେଲ**



ଶାନ୍ତିର ସ୍ତୁପ ତଳେ ଆଜି ଲେଖାହୁଏ ଅଶାନ୍ତିର ଲେଖା
କୁହକୁହ ଧଉଳି ତୁ ମୁକହୋଇ କାହିଁ ହୋଇଅଛୁ ଠିଆ ?
ତୋ ଛାତିତଳେ ଆଜିର ଏ କି ବିଭତ୍ସ କର୍ମ
ଅଭାଗିନି ବୁଝେନାହିଁ ଦୁନିଆ ନିୟମ ।
ଝିଅଟିଏ ବୋଲି ତାର କଣ ସ୍ୱାଧୀନତା ନାହିଁ ?
ସଞ୍ଜ ସକାଳ ନିୟମ ଏକା ତା'ରି ପାଇଁ !
ଦୟାନଦୀ କୂଳେ ଆଜି କାନ୍ଦେ ଏ କୂଳ ଦୁହିତା
ଶାନ୍ତିର ଏ ପୂଣ୍ୟତିର୍ଥେ ଅଶାନ୍ତିର ବାର୍ତ୍ତା ।
ଦୋଷୀର ଏ ଦୋଷ ନୁହଁ ଏ ସଂସାର ନିୟମ
ସ୍ଥାନକାଳପାତ୍ର ଦେଖି ଝିଅ କାହିଁ କାଢେ ନାହିଁ ପାଦ ?
ତୋ ଛାତିରେ ତୁ ସାଇତି ଦେ ଆଉ ଏକ ଲିପି
ଝିଅଟିର ବେଶଭୂଷା , ପିନ୍ଧା ପରିପାଟୀ ।
ଅଭୟମୁଦ୍ରାରେ ଯେଣୁ ଠିଆ ହୋଇଅଛୁ
ପାତରଅନ୍ତର ନୀତି କେବେଠୁ ଶିଖିଛୁ ?
ତୋ ଛତ୍ରଛାୟା ତଳେ ପରା ଦିନେ ଚଣ୍ଡାଶୋକ
ଧରମର ବାନା ଧରି ବୋଲାଏ ଧରମଅଶୋକ ।
ଏହି ଦୟାନଦୀ ସାଜିଥିଲା ଦିନେ ସୁତ୍ରଧାର
ଏବେ ପୁଣି ଦେଖ ତାର ଛାତି ରକ୍ତ ଜରଜର,
ଅକୁହା ବେଦନା ତାର ଶୁଣିବ ବା କିଏ
ତା କୋଳରେ ଝିଅ ତାର ମର୍ଯ୍ୟାଦା ହରାଏ ।
ଶାନ୍ତିର ସ୍ତବକ ତଳେ ଆଜି ପୁଣିଥରେ ଅଧର୍ମ ଘଟିଲା
ଦୟାନଦୀ ଦେଖ ତୋ ଛାତି ପୁଣିଥରେ କଳୁଷିତ ହେଲା ।

*କୁଚିଣ୍ଡା, ସମ୍ବଲପୁର*
*ମୋ-୭୮୯୪୬୬୧୧୨୩*

## ନୂଆ

**ସଂଯୁକ୍ତା ଦାଶ**

ଗୋଟିଏ ମୁହୂର୍ତ୍ତ ଆଉ ଗୋଟିଏ ପରି ନୁହେଁ
ପର ମୁହୂର୍ତ୍ତର ପୃଥିବୀ ବଦଳି ଯାଉଛି ଟିକିଏ
ନଈ ଧାଉଁଛି ଆଗକୁ ଗଛ ବଢି ଯାଉଛି ଉର୍ଦ୍ଧ୍ୱକୁ
ଝରି ଯାଉଛି ଶୁଖିଲା ପତ୍ର ନିଃଶବ୍ଦରେ
ନୂଆ କିଶଳୟ ଚାହୁଁଛି ଅଚିହ୍ନା ଆଖିରେ
ସମୟ ନିର୍ଦ୍ଧାରିତ ରହିବାର ଅବଧି ନିର୍ଦ୍ଦିଷ୍ଟ
ଚାହିଁଲେବି ରହି ପାରିବେନି କେହି ମୁହୂର୍ତ୍ତେ ଅଧିକ
ମୁଁ ଆଉ ମୋର ବୋଲାଉ ଥିବା ସମୟ ଖୁବ୍ ଅଳିକ
ଉତ୍ତୀର୍ଣ୍ଣ ସମୟ ହାତରୁ ଆଉ କେହି ଜଣେ
ଆସି ସାବ୍ୟସ୍ତ କରିବ ନିଜ ହକ

ନୂଆ ଯେ ଅବଧାରିତ ଆସିବ ନିଶ୍ଚୟ
ଏକା ପରି ଲାଗୁଥିବା ସକାଳରେ
ହେବ ନୂଆ ସୂର୍ଯ୍ୟୋଦୟ
ନୂଆ ଆଶା ନୂଆ ସ୍ୱପ୍ନ
ଚିରାଚରିତ ଜୀବନକୁ ନୂଆ ରଙ୍ଗ ଦେବ
ନୂଆ କିଛି କରିବାର ପ୍ରବଣତା ଅଙ୍କୁରିତ ହେବ
ଜୀବନ ଯେ ଧାବମାନ ଆଗକୁ ଆଗକୁ
ଝାପସା ହୋଇ ଆସୁଥିବା ଗତକାଲିର ପାଦ ଚିହ୍ନ ଉପରେ
ଆସନ୍ତାକାଲିର ନୂଆ ପାଦ ଥାପିବାକୁ ।

*ମୋ-୮୪୨୦୮୯୬୫୪୬*

## ନୂଆବର୍ଷ ଏମିତି ଆସିବୁ

**ଅନସୂୟା ପଣ୍ଡା**

କାକର ବୁନ୍ଦାରେ ପ୍ରତିଶୃତିର ପଦ୍ମ ଫୁଟେଇ
ଡହ ଡହ ଝାଞ୍ଜିରେ ଶୀତଳ ପବନ ଆଣି
ପବନ ଶିରାରେ ପ୍ରୀତିର ଧାରା ଭରି
ଅଦିନ ମେଘରେ ଇନ୍ଦ୍ରଧନୁ ଖଞ୍ଜି
ଅନ୍ଧାରରେ ଆଶ୍ୱାସନାର ଜ୍ୟୋସ୍ନା ଝଲକାଇ
ନୂଆବର୍ଷ ବିନା ଅପେକ୍ଷାରେ ଏମିତି ଆସିବୁ।
ବିଦାୟୀ ବର୍ଷରେ ଫେରିବା ରାତିରେ
ଦରଫୁଟା ସ୍ୱପ୍ନକୁ ସାଉଁଟିବୁ ସରାଗେ
ପଥରରେ ପ୍ରାଣ ଦେବୁ ଭରି ପ୍ରଣବ ମନ୍ତ୍ରରେ
ନୂଆବର୍ଷ ଆଗମନୀର ଅସ୍ପଷ୍ଟ ସମ୍ଭାବନାରେ।
ଶୋଷିତର ମସୃଣ ମନରେ
କିଛି ବାଲି ଭରିଦେବୁ
ରଙ୍ଗଛଡା କାନ୍ଥରେ ପଟ୍ଟଚିତ୍ର ଆଙ୍କି ଦେବୁ
ଜୀବନେ ତୃପ୍ତିର ଅମେୟ ରଙ୍ଗ ଭରି।
ନୂଆବର୍ଷ ଏମିତି ଆସିବୁ
ଫୁଲର ଶୁଷ୍କ ଓଠରେ ଅସ୍ମିତାର ଆର୍ଦ୍ରତା ଭରିବୁ
ସମୟର ପାଦରେ ସମ୍ବେଦନାର ନୂପୁର ଖଞ୍ଜିବୁ
ପାରିଜାତି ଭାବନାର ମନ୍ତ୍ର ପାଣି ଛିଞ୍ଚିବୁ
ଶୂନ୍ୟତାରେ ପୂର୍ଣ୍ଣତାର ଶଙ୍ଖନାଦ ଭରିବୁ।
ଆସିବା ନିଶ୍ଚୟ ତୋର
ଅନୁରୋଧର ପାହାଚେ ଆଶା ଉପରେ
ଶ୍ରୀପାଦ ଥାପିବୁ
ନୂଆବର୍ଷ ଏମିତି ସୁର ତାଳ ଲୟରେ ଆସିବୁ।

*ବୁର୍ଲା, ସମ୍ବଲପୁର*
*ମୋ-୯୪୩୯୨୧୧୯୭୧*

## ଇଏ ଆମ ନୂଆବର୍ଷ ନୁହେଁ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ଏଇ ନୂଆବର୍ଷ ଆମର ନୁହେଁ
ଯାକୁ ମୁଁ ଜମା ସ୍ୱୀକାର କରେନି
ଶୀତରେ ଥରିଯାଉଛି ପିଞ୍ଜରା
କୋଉଠି ଫୁଲଫୁଟୁନି
ଚଢେଇମାନେ କିଚିରିମିଚିରି କରି
ଉଡୁନାହାନ୍ତି ଆକାଶରେ
ହଳଦୀବସନ୍ତଟେ ଉଡୁନି ଡାଳରୁ ଡାଳ
କୋଉ ପୁନିଅଁପରବ ବି ନାହିଁ
ନୂଆବର୍ଷ ସେତେବେଳେ ଆସିବ
ଯେତେବେଳେ ବୈଶାଖ ଆସିବ
ଫୁଲରେ ଭରିଯିବ ଧରଣୀ
କୋଇଲି ଗାଇବ ପଞ୍ଚମସୁରରେ
ଦେହ ମନ ଉଲ୍ଲସିତ ହେବ
ସବୁ ଲାଗିବ ଫଗୁଣ ଫଗୁଣ
ଉତ୍ସବ ମୁଖରିତ ହେବ ଚାରିଆଡ
ସୁଲୁସୁଲିଆ ବାଆ ବହିବ ସୁଗନ୍ଧ ନେଇ
ସେତେବେଳେ ଆମ ନୂଆବର୍ଷ ଆସିବ
ସବୁଗଛରେ ଫଳଫୁଲ ଭରିଯିବ
ବଉଳ ଫୁଲ ଝରିପଡୁଥିବ ମୃଦୁ ଗନ୍ଧେ
କଜଳପାତି ଚିରଚିରେଇ ଉଡିବ
ଦଳଦଳ ଯୋଡି ବସିବେ ପାର୍କରେ
ଋତୁ ହେଇଯିବ ବସନ୍ତ ବସନ୍ତ
ସତ ସତିଆ ମଲ୍ଲୀମାଳତି ବାସ୍ନା ଛୁଟିବ
କମ୍ବଳ ଭିତରେ ନୂଆବର୍ଷ କାହିଁ ?
ଇଏ ମୋ ନୂଆବର୍ଷ ନୁହେଁ
ମୁଁ ଯାକୁ ଜମା ସ୍ୱୀକାର କରେନି
ନୂଆବର୍ଷ କଣ କୋଉ
ଦେବଦେବୀଙ୍କ ପର୍ବର ଦିନ ?
ନା ନୂଆବର୍ଷ କୋଉ ଜାତୀୟ ଉତ୍ସବ ?
କ୍ୟାଲେଣ୍ଡରକୁ ଆମେ ମାନୁ
କ୍ୟାଲେଣ୍ଡରର ପୃଷ୍ଠା ଓଲଟିବ
ଆଉ ଗୋଟେ ନୂଆ କ୍ୟାଲେଣ୍ଡର ଲାଗିବ
ବାସ୍ ସେଇଠି ଆସିଲା ଆଉଗୋଟେ
ସକାଳ ପୂର୍ବପରି ନୂତନତାହୀନ
ସେଇ ସକାଳ, ସେଇ ଚା', ପେପର
ସେଇ ଠାକୁରଙ୍କ ପୂଜା, ସବୁ ପୂର୍ବପରି
ଦୁଃଖ ସୁଖ ଆନନ୍ଦ ବିଷାଦ
ଜୀବନ ଭିତରେ ସବୁର ସ୍ୱାଦ ଭିନ୍ନ
ତଥାପି ଜୀବନ ଜୀଇଁବାର ପଣ
ଆଶା ଅସୁମାରୀ ଅସରନ୍ତି ସ୍ୱପ୍ନ
ସମୟକୁ ପଛକରି ଚାଲିଥାଏ
ଆଗକୁ ଆଗକୁ, ଚାଲିବାକୁ ହୁଏ
ଚାଲିବାଟା ସତ୍ୟ ରହିଯିବା ନିର୍ବୋଧତା
ଫଳବତୀ ହୁଏନି ସବୁ ସ୍ୱପ୍ନ
ସ୍ୱପ୍ନ କିନ୍ତୁ ଦେଖିବାକୁ ହୁଏ
ଇଏ ସ୍ୱପ୍ନର ଋତୁ ନୁହେଁ
ଇଏ ଆମ ନୂଆବର୍ଷ ନୁହେଁ ।

*ଭୁବନେଶ୍ୱର*
*ଫୋନ୍-୮୮୯୫୨୭୪୭୯୪*

## ଶୋଷର ଶେଷୋକ୍ତି

**ବିଜୟଲକ୍ଷ୍ମୀ ପାଣିଗ୍ରାହି**

ଅବସୋସର ନହୁଲି ଡ଼ଙ୍ଗା
କ'ଣ ସମୁଦ୍ର ଯାଏଁ ଯାଏ ?
ନୁହେଁ ନା...
ହେଲେ ସମୁଦ୍ରରେ
ସମୁଦ୍ରେ ଅବସୋସ
ବେଳାଭୂଇଁରେ କୋଳାହଳ ରଚେ/
ମଥାପିଟେ / ନେହୁରା ହୁଏ।
ଏମିତିବି ପାଦ ଚଳ ଚଞ୍ଚଳ ହେଲେ
ଅମଡା ବାଟ ବି ହୁଏ ରାଜରାସ୍ତା
ଆଉ ରାତି ଘନେଇଲେ ହିଁ
ଆଲୋକ କେନାଏ
ପଥସବୁ ସ୍ପଷ୍ଟ ହୁଅନ୍ତି
ଦେଖିବା ଦେଖାଇବାର
ପରିଚର୍ଚ୍ଚାରେ
ସଦା କାଳେ ଅଦୃଶ୍ୟରେ ରୁହେ
ଲୁହ ନଈ।
ଶୋଷ କାହାର ନାହିଁ ?
ତାହାର ବା ଅନ୍ତ କାହିଁ ?
ତା' ବିନା କି ଅଛି ଗତି
ଅଛି ମୁକ୍ତି
ଅବା ଅଗ୍ରଗତି ?
ପାଣିକୁ ବି ତ ଶୋଷ ହୁଏ
ହେଲେ ସେ କ'ଣ ପିଏ ?
ଆଉ ପବନ ?
ସେ କ'ଣ ପହଞ୍ଚି ପାରେ
ତା' ଠିକଣାରେ...
ଶୋଷକୁ ନେଇ ଅନେକ ପ୍ରଶ୍ନ
ଅନେକ ଗ୍ଲାନି
ଅନେକ ଅବସୋସ।
ଶୋଷ ନିଜେ ଶଙ୍କାକୁଳ
ସଂଶୟପୂର୍ଣ୍ଣ
ଅଛିଣ୍ଡା ଗଣିତ ସେ
ଅସମାପିକା ତା' ଆକୃତି
ପରିବର୍ତ୍ତିତ ତା' ଚରିତ୍ର।
ସତରେ ଭାରି ଅବୁଝା
ଅସ୍ପଷ୍ଟ ଅବୋଧ
ସେ ଶୋଷର ଶେଷୋକ୍ତି।

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*

# ଟି-୨୦ ବିଶ୍ୱକପ ପାଇଁ ଶକ୍ତିଶାଳୀ ଦଳ ଘୋଷଣା କଲା ଅଷ୍ଟ୍ରେଲିଆ



**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ୨୦୨୬ର ଆଇସିସି ପୁରୁଷ ଟି୨୦ ବିଶ୍ୱକପ ପାଇଁ ମିଚେଲ ମାର୍ଶଙ୍କ ନେତୃତ୍ୱରେ ୧୫ ଜଣିଆ ଦଳ ଘୋଷଣା କରିଛି। ସ୍ପିନର ମାଥ୍ୟୁ କୁହନେମାନ, ଅଲରାଉଣ୍ଡର କୁପର କନେଲି ଏବଂ ଦ୍ରୁତ ବୋଲର ଜାଭିୟର ବାର୍ଟଲେଟ ସମେତ ତିନି ଜଣ ନୂଆ ଖେଳାଳି ଟି୨୦ ବିଶ୍ୱକପରେ ଅଷ୍ଟ୍ରେଲିଆ ପାଇଁ ଡେବ୍ୟୁ କରିବେ। ଏହା ବ୍ୟତୀତ, ଦଳରେ ଗ୍ଲେନ ମ୍ୟାକ୍ସୱେଲ ଏବଂ କ୍ୟାମେରନ ଗ୍ରୀନ ଭଳି ଶକ୍ତିଶାଳୀ ଅଲରାଉଣ୍ଡର ମଧ୍ୟ ଅଛନ୍ତି, ଯେଉଁମାନେ ଯେକୌଣସି ସମୟରେ ପାଗ ବଦଳାଇ ପାରିବେ।

ଟେଷ୍ଟ ଏବଂ ଏକଦିବସୀୟ ଅଧିନାୟକ ପ୍ୟାଟ୍ କମିନ୍ସ ଅଷ୍ଟ୍ରେଲିଆର ଟି୨୦ ବିଶ୍ୱକପ ୨୦୨୬ ଦଳକୁ ଫେରିଛନ୍ତି। ଅଭିଜ୍ଞ ବୋଲର ଜୋଶ୍ ହାଜେଲଉଡ୍ ମଧ୍ୟ ସାମିଲ ହୋଇଛନ୍ତି, ଯେତେବେଳେ ମାର୍କସ ଷ୍ଟୋଇନିସ ଏବଂ ଆଡାମ ଜାମ୍ପା ଭାରତୀୟ ପିଚ୍ ଉପରେ ଦଳର ବୋଲିଂ ଆକ୍ରମଣକୁ ଆହୁରି ବୃଦ୍ଧି କରିବେ। ଫଳସ୍ୱରୂପ, ଏହା କୁହାଯାଇପାରେ ଯେ ଅଷ୍ଟ୍ରେଲିଆ ଟି୨୦ ବିଶ୍ୱକପ ପାଇଁ ଏକ ଶକ୍ତିଶାଳୀ ଦଳ ଘୋଷଣା କରିଛି।

୨୦୨୬ ଟି-୨୦ ବିଶ୍ୱକପ ପାଇଁ ଅଷ୍ଟ୍ରେଲିଆ ଦଳ : ମିଚେଲ ମାର୍ଶ (ଅଧିନାୟକ), ଜାଭିୟର ବାର୍ଟଲେଟ, କୁପର କନଲି, ପ୍ୟାଟ କମିନ୍ସ, ଟିମ୍ ଡେଭିଡ, କ୍ୟାମେରନ ଗ୍ରୀନ, ନାଥନ ଏଲିସ, ଜୋଶ ହାଜେଲଉଡ୍, ଟ୍ରାଭିସ ହେଡ୍, ଜୋଶ ଇଙ୍ଗଲିସ (ଉଇକେଟ୍ କିପର), ମାଥ୍ୟୁ କୁହନେମାନ, ଗ୍ଲେନ ମ୍ୟାକ୍ସୱେଲ, ମାଥ୍ୟୁ ସର୍ଟ, ମାର୍କସ ଷ୍ଟୋଇନିସ ଏବଂ ଆଡାମ ଜାମ୍ପା।

# ବିଜୟ ହଜାରେ ଟ୍ରଫି : ୩୮ ଅଧିନାୟକଙ୍କ ଭିତରେ ରିଙ୍କୁ ସିଂ ନମ୍ବର ୱାନ

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆ ଯୁବ ଫିନିସର ରିଙ୍କୁ ସିଂ ପୁଣି ଏକ ନୂଆ ରେକର୍ଡ ଅର୍ଜନ କରିଛନ୍ତି। ବିଜୟ ହଜାରେ ଟ୍ରଫିରେ ରିଙ୍କୁ ୩୮ ଅଧିନାୟକଙ୍କ ମଧ୍ୟରେ ବନିଛନ୍ତି ନମ୍ବର ୱାନ୍। ୟୁପି ଅଧିନାୟକ ପଦ ସମ୍ଭାଳି ଦଳ ପାଇଁ ବିଜୟ ଧାରା ଜାରି ରଖିଛନ୍ତି ରିଙ୍କୁ। ବିଜୟ ହଜାରେ ଟ୍ରଫିରେ ୩୮ଟି ଟିମ୍ ଖେଳୁଛି। ୪ଟି ଏଲିଟ ଗ୍ରୁପ୍ ସହ ଗୋଟିଏ ପ୍ଲେଟ ଗ୍ରୁପରେ ଭାଗ କରାଯାଇଛି। ଏ,ବି,ସି,ଡି ଏଭଳି ଭାବେ ୪ଟି ଗ୍ରୁପ ରହିଥିବାବେଳେ ରିଙ୍କୁ ସିଂଙ୍କ ଉତ୍ତରପ୍ରଦେଶ ବି ଗ୍ରୁପ୍‌ରେ ରହିଛି। ତେବେ ତାଙ୍କ ଗ୍ରୁପ୍‌ରେ ରହିଥିବା ସମସ୍ତ ଅଧିନାୟକଙ୍କ



ମଧ୍ୟରେ ସେ ସର୍ବୋତ୍ତମ ରହିଛନ୍ତି। କେବଳ ତାଙ୍କ ଗ୍ରୁପ୍ ନୁହେଁ ଅନ୍ୟ ଗ୍ରୁପ୍‌ର ଅଧିନାୟକଙ୍କଠାରୁ ତାଙ୍କ ପ୍ରଦର୍ଶନ ମଧ୍ୟ ଉଚ୍ଚ କୋଟିର ରହିଛି।

ରିଙ୍କୁ ସିଂ ୪ ମ୍ୟାଚ୍‌ରେ ୧୩୬.୫୦ ହାରରେ ୨୭୩ ରନ କରିଛନ୍ତି। ଯେଉଁଥିରେ ଗୋଟିଏ ଶତକ ସହ ଦୁଇଟି ଅର୍ଦ୍ଧଶତକ ମଧ୍ୟ ରହିଛି। ସେ ଜଣେ ଶ୍ରେଷ୍ଠ ଫିନିସର ଭାବେ ମଧ୍ୟ ଜଣାଶୁଣା ରହିଥିବାବେଳେ ୪ ମ୍ୟାଚ୍‌ରେ ୧୧ଟି ଛକା ଏବଂ ୨୩ଟି ଚୌକା ମଧ୍ୟ ମାରିସାରିଛନ୍ତି। ଆସାମ ବିପକ୍ଷରେ ସେ ବିସ୍ଫୋରକ ୩୭ ରନର ପାଳି ଖେଳିଥିଲେ। ଯାହାକି ମ୍ୟାଚ ବିଜୟୀ ଇନିଂସ ରହିଥିଲା। ରିଙ୍କୁ ସିଂ ବିଜୟ ହଜାରେ ଟ୍ରଫିରେ ଖେଳୁଥିବା ୩୮ ଜଣ ଅଧିନାୟକଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ତଥା ଅଧିକ ସ୍କୋର କରିବାରେ ସଫଳ ହୋଇଛନ୍ତି। ତାଙ୍କ ଅଧିନାୟକତ୍ୱରେ ୟୁପି ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛି। ଅନ୍ୟପଟେ ବ୍ୟକ୍ତିଗତ ଭାବେ ରିଙ୍କୁ ମଧ୍ୟ ଭଲ ପ୍ରଦର୍ଶନ କରୁଛନ୍ତି। ୟୁପି ୪ ମ୍ୟାଚ୍‌ରୁ ୪ ବିଜୟ ସହ ବି ଗ୍ରୁପ୍‌ର ଶୀର୍ଷରେ ରହିଛି। ଦଳର ଖେଳାଳିମାନେ ଏବେ ଦମ୍‌ଦାର ଫର୍ମରେ ମଧ୍ୟ ନଜର ଆସୁଛନ୍ତି।

# ନୂଆବର୍ଷରେ ଭାଇରାଲ ହେଲା ସ୍ମୃତି ମନ୍ଧାନାଙ୍କ ପୋଷ୍ଟ, ଗୋଟିଏ ଧାଡ଼ିରେ ଲେଖିଦେଲେ ମନର କଥା

**ନୂଆଦିଲ୍ଲୀ**

ଭାରତୀୟ ମହିଳା କ୍ରିକେଟ ଦଳର ତାରକା ସ୍ମୃତି ମନ୍ଧାନାଙ୍କ ପାଇଁ ୨୦୨୫ ବର୍ଷ ଏକ ରୋଲରକୋଷ୍ଟର ଯାତ୍ରାଠାରୁ କମ୍ ନଥିଲା। କ୍ରିକେଟ କ୍ଷେତ୍ରରେ ମନ୍ଧାନା ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ସହ କିନ୍ତୁ ତାଙ୍କ ବ୍ୟକ୍ତିଗତ ଜୀବନ ଏକ ଭୟଙ୍କର ଝଡ଼ ଦ୍ୱାରା ଦୋହଲି ଯାଇଥିଲା। ନିରୁତ୍ସାହିତ ନ ହୋଇ, ସେ ନିଜକୁ ଶାନ୍ତ କଲେ, ତାଙ୍କ ବ୍ୟକ୍ତିଗତ ଜୀବନର କଠୋର ବାସ୍ତବତାକୁ ପଛରେ ପକାଇ କ୍ରିକେଟ କ୍ଷେତ୍ରରେ ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମନ୍ଧାନା ସୋସିଆଲ ମିଡିଆରେ ଗତ ବର୍ଷର ଏକ ଭିଡିଓର ଏକ ସମୀକ୍ଷା ଶେୟାର କରିଛନ୍ତି।



ଭିଡିଓରେ ତାଙ୍କର ବିଶ୍ୱକପ ବିଜୟ ଉତ୍ସବର ଝଲକ, ପାରିବାରିକ ମୁହୂର୍ତ୍ତ ଏବଂ ତାଙ୍କ ଫିଟ୍‌ନେସ୍ ରୁଟିନ ଅନ୍ତର୍ଭୁକ୍ତ ଥିଲା। ତଥାପି, ଭିଡିଓର ଶେଷରେ ଭାଗବତ ଗୀତାର ଏକ ପଂକ୍ତି ସବୁଠାରୁ ଅଧିକ ଧ୍ୟାନ ଆକର୍ଷଣ କରିଥିଲା। ଭିଡିଓ ଶେଷରେ ସ୍ମୃତି ଲେଖିଛନ୍ତି 'ଭଗବତ ଗୀତାର ୧୨ ତମ ଦିନ: ଆପଣଙ୍କ ସହିତ ପ୍ରକୃତରେ କିଛି ଆଶ୍ଚର୍ଯ୍ୟଜନକ ଘଟଣା ଘଟିବା ପୂର୍ବରୁ ସବୁକିଛି ଭାଙ୍ଗି ଯାଏ, ତେଣୁ ଅପେକ୍ଷା କର, ଭଗବାନ କୃଷ୍ଣ।'

ଗତ ବର୍ଷ ସ୍ମୃତି ମନ୍ଧାନାଙ୍କ କ୍ରିକେଟ କ୍ୟାରିୟର ଦୃଷ୍ଟିରୁ ଏକ ଉଲ୍ଲେଖନୀୟ ବର୍ଷ ଥିଲା। ମନ୍ଧାନା ଟେଷ୍ଟ, ଦିନିକିଆ ଏବଂ ଟି-୨୦ରେ ମୋଟ ୧୭୦୩ ରନ କରିଥିଲେ। ମହିଳା କ୍ରିକେଟ ଇତିହାସରେ ଏକ କ୍ୟାଲେଣ୍ଡର ବର୍ଷରେ ଏହା ଯେକୌଣସି ବ୍ୟାଟ୍ସମ୍ୟାନଙ୍କ ଦ୍ୱାରା ସର୍ବାଧିକ ରନ। ସେ ୨୦୨୪ରେ ୧,୬୫୯ ରନର ନିଜର ପୂର୍ବ ରେକର୍ଡ ଭାଙ୍ଗି ଏହି ସଫଳତା ହାସଲ କରିଥିଲେ।

# ବିଜୟ ହଜାରେ ଟ୍ରଫିର ଅଗାମୀ ମ୍ୟାଚ୍‌ରେ ପଞ୍ଜାବ ପାଇଁ ଖେଳିବେ ଶୁଭମନ ଗିଲ୍!

**ନୂଆଦିଲ୍ଲୀ**



୨୦୨୬ ଟି୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ ନିକଟରେ ଘୋଷଣା କରାଯାଇଥିଲା। ଖରାପ ଫର୍ମ ଏବଂ ଆଘାତ ସହିତ ସଂଘର୍ଷ କରୁଥିବା ଶୁବମନ ଗିଲଙ୍କୁ ୧୫ ଜଣିଆ ଦଳରେ ସାମିଲ କରାଯାଇ ନଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍ ସମୟରେ ସେ ଆହତ ହୋଇଥିଲେ ଏବଂ ସିରିଜ୍‌ରେ ତାଙ୍କର ବ୍ୟାଟିଂ ମଧ୍ୟ ନୀରବ ରହିଥିଲା। ଏବେ, ଗିଲ କ୍ରିକେଟ କ୍ଷେତ୍ରକୁ ଫେରିବାକୁ ଯାଉଛନ୍ତି।

ବିଜୟ ହଜାରେ ଟ୍ରଫିର ଆଗାମୀ ମ୍ୟାଚ୍‌ରେ ଶୁବମନ ଗିଲ ପଞ୍ଜାବ ପାଇଁ ଖେଳିପାରନ୍ତି। ଭାରତର ଟେଷ୍ଟ ଏବଂ ଏକଦିବସୀୟ ଅଧିନାୟକ ଏବେ ଫର୍ମକୁ ଫେରିବାକୁ ଚେଷ୍ଟା କରିବେ। କ୍ରିକ୍‌ବଜ୍ ରିପୋର୍ଟ ଅନୁଯାୟୀ, ଗିଲ ୩ ଏବଂ ୬ ଜାନୁଆରୀରେ ଖେଳାଯିବାକୁ ଥିବା ସିକିମ ଏବଂ ଗୋଆ ବିପକ୍ଷରେ ପଞ୍ଜାବ ପାଇଁ ଖେଳିପାରନ୍ତି। ଅଭିଜ୍ଞ ଅଲରାଉଣ୍ଡର ରବିନ୍ଦ୍ର ଜାଡ଼େଜା ସୌରାଷ୍ଟ୍ରକୁ ସୂଚନା ଦେଇଛନ୍ତି ଯେ ସେ ଜାନୁଆରୀ ୬ ଏବଂ ୮ ତାରିଖରେ ସର୍ଭିସେସ ଏବଂ ଗୁଜରାଟ ବିପକ୍ଷରେ ଖେଳିବେ। ୱିକେଟକିପର-ବ୍ୟାଟ୍‌ସମ୍ୟାନ କେଏଲ ରାହୁଲ ତ୍ରିପୁରା ଏବଂ ରାଜସ୍ଥାନ ବିପକ୍ଷରେ କର୍ଣ୍ଣାଟକ ପାଇଁ ମଧ୍ୟ ଖେଳିପାରନ୍ତି। ଉଭୟ ମ୍ୟାଚ ଜାନୁଆରୀ ୩ ଏବଂ ୬ରେ ଖେଳାଯିବ। ଗିଲ, ଜାଡେଜା ଏବଂ ରାହୁଲ ଜାନୁଆରୀ ୧୧ରୁ ଆରମ୍ଭ ହେଉଥିବା ନ୍ୟୁଜିଲାଣ୍ଡ ବିପକ୍ଷରେ ଆଗାମୀ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ପୂର୍ବରୁ ଭାରତୀୟ ଦଳରେ ଯୋଗଦେବେ। ଖରାପ ପ୍ରଦର୍ଶନ ଯୋଗୁ, ଗିଲଙ୍କୁ ନ୍ୟୁଜିଲାଣ୍ଡ ଟି୨୦ ସିରିଜ ଏବଂ ୨୦୨୬ ଟି୨୦ ବିଶ୍ୱକପ ପାଇଁ ଭାରତୀୟ ଦଳରୁ ବାଦ୍ ଦିଆଯାଇଥିଲା। ଏହି ବର୍ଷ ଆରମ୍ଭରେ ଏସିଆ କପ ପାଇଁ ତାଙ୍କୁ ଦଳରେ ପୁନର୍ବାର ଅଣାଯାଇଥିଲା, ଯାହା ଏକ ବର୍ଷରୁ ଅଧିକ ସମୟ ପରେ ଟି୨୦ କ୍ରିକେଟକୁ ତାଙ୍କର ପ୍ରତ୍ୟାବର୍ତ୍ତନକୁ ଚିହ୍ନିତ କରିଥିଲା।

ତଥାପି, ଏହି ପ୍ରତ୍ୟାବର୍ତ୍ତନ ଡାହାଣହାତୀ ବ୍ୟାଟସମ୍ୟାନଙ୍କ ପାଇଁ କଷ୍ଟକର ପ୍ରମାଣିତ ହୋଇଥିଲା। ସେ ୧୫ ଇନିଂସରେ ୨୪.୨୫ ହାରରେ ମାତ୍ର ୨୯୧ରନ କରିଥିଲେ। ତାଙ୍କର ନିରାଶାଜନକ ପ୍ରଦର୍ଶନ ଯୋଗୁ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଚୟନକର୍ତ୍ତାମାନେ ତାଙ୍କୁ ଟି୨୦ ଦଳରୁ ବାଦ ଦେଇଥିଲେ।

# ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋଖୋ ହାଇପରଫର୍ମାନ୍ସ ସେଣ୍ଟର ଆଥଲେଟଙ୍କ ସ୍ୱର୍ଣ୍ଣ ପଦକ ହାସଲ






**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂପୁରର ତିର୍ତ୍ତୋଲଠାରେ ଡିସେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ୧୭ତମ ସବ୍-ଜୁନିଅର ରାଜ୍ୟ ଖୋ-ଖୋ ଚାମ୍ପିଅନସିପ୍‌ରେ ପୁରୀ ଦଳ ବିଜୟୀ ହୋଇଛି। ଓଡ଼ିଶା ଏଏମ୍ /ଏନ୍ଏସ୍ ଇଣ୍ଡିଆ ଖୋ-ଖୋ ହାଇ ପରଫର୍ମାନ୍ସ ସେଣ୍ଟରର ୧୩ ବର୍ଷୀୟ ପ୍ରତିଭାବାନ ଖେଳାଳି ଶୁଭମ୍ ସୁଭ୍ରଜିତ୍ ଦଳାଇ ପୁରୀ ଦଳରୁ ପ୍ରତିନିଧିତ୍ୱ କରି ଚମ୍ପିଆନସିପ୍ ଟାଇଟଲ୍ ଜିତିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିଛନ୍ତି। ଶୁଭମ୍‌ଙ୍କ ଏହି କୃତିତ୍ୱ ପାଇଁ ଏଚପିସି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଶୁଭମଙ୍କ ସଫଳତା ଏଚପିସିରେ ଦିଆଯାଉଥିବା ଗଠନମୂଳକ ପ୍ରଶିକ୍ଷଣ, ଅନୁଶାସନ ଏବଂ ବୈଷୟିକ କୌଶଳର ବିକାଶକୁ ପ୍ରତିଫଳିତ କରୁଛି। ଚାମ୍ପିଅନସିପ୍ ବିଜେତା ଦଳରେ ତାଙ୍କର ଅନ୍ତର୍ଭୂକ୍ତି ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏବଂ ତୃଣମୂଳ ସ୍ତରରୁ ଓଡ଼ିଶାର ଖୋ ଖୋ କ୍ରୀଡ଼ାକୁ ମଜବୁତ କରିବା ପାଇଁ ଏହି କେନ୍ଦ୍ରର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି।

ଓଡ଼ିଶା ଏଏମ୍ /ଏନ୍ଏସ୍ ଇଣ୍ଡିଆ ଖୋ-ଖୋ ଏଚପିସିର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା ଶୁଭମ୍‌ଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଖୋ-ଖୋ କ୍ରୀଡ଼ାର ବିକାଶ ପାଇଁ ପ୍ରାଥମିକ ସ୍ତରରୁ ପ୍ରତିଭା ଚିହ୍ନଟ କରି ସେମାନଙ୍କୁ ସଠିକ୍ ମାର୍ଗଦର୍ଶନ ଦେବା ଆମର ମୁଖ୍ୟ ଲକ୍ଷ୍ୟ। ପୁରୀ ଦଳ ପକ୍ଷରୁ ଶୁଭମ୍‌ଙ୍କ ଏହି ସଫଳତା ଆମ କେନ୍ଦ୍ରର ପ୍ରଶିକ୍ଷଣାର୍ଥୀଙ୍କ କଠିନ ପରିଶ୍ରମ ଓ ଅନୁଶାସନର ଏକ ଜ୍ୱଳନ୍ତ ଉଦାହରଣ। ଆମେ ତାଙ୍କ ପାଇଁ ଗର୍ବିତ ଏବଂ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆହୁରି ଅନେକ ବିଜୟୀ କ୍ରୀଡାବିତ୍ ସୃଷ୍ଟି ହେବେ ବୋଲି ଆମର ଦୃଢ଼ ବିଶ୍ୱାସ।

ଓଡ଼ିଶା ଏଏମ୍ /ଏନ୍ଏସ୍ ଇଣ୍ଡିଆ ଖୋ ଖୋ ଏଚପିସି ରାଜ୍ୟର ପରବର୍ତ୍ତୀ ପିଢ଼ିର କ୍ରୀଡ଼ା ପ୍ରତିଭାଙ୍କୁ ପ୍ରେରଣା ଦେଇ ଉଚ୍ଚସ୍ତରରେ ପ୍ରତିଯୋଗିତା ମୂଳକ ମଞ୍ଚରେ ଉତ୍କର୍ଷତାର ସହିତ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ କ୍ରୀଡ଼ାବିତ୍‌ମାନଙ୍କୁ ବିକଶିତ କରିବାର ଏହାର ମିଶନରେ ଦୃଢ଼ସହ କାର୍ଯ୍ୟ ରହିଛି।

# ଅବସର ନେବେ ଉସମାନ ଖ୍ୱାଜା !

**ସିଡ୍‌ନୀ**

ତାଙ୍କ ଟେଷ୍ଟ ଭବିଷ୍ୟତକୁ ନେଇ କଳ୍ପନାଜଳ୍ପନା ମଧ୍ୟରେ, ଅଷ୍ଟ୍ରେଲିୟ ଓପନର ଉସମାନ ଖ୍ୱାଜା ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ପଞ୍ଚମ ଆଶେସ ଟେଷ୍ଟ ପୂର୍ବରୁ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସମ୍ବୋଧିତ କରିବେ। ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆସେସ ସିରିଜର ପଞ୍ଚମ ଏବଂ ଶେଷ ଟେଷ୍ଟ ଜାନୁଆରୀ ୪ରୁ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ଅଷ୍ଟ୍ରେଲିଆ ସିରିଜ ୩-୧ରେ ଆଗୁଆ ଅଛି। ସିଡ୍‌ନୀ ଟେଷ୍ଟ ପୂର୍ବରୁ ତାଙ୍କର ଅବସର ବିଷୟରେ ଅନୁମାନ କରୁଥିବା ଖ୍ୱାଜା ପଞ୍ଚମ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ଟେଷ୍ଟ କ୍ୟାରିୟରକୁ ନେଇ ଗୁଜବ ବିଷୟରେ ଆଲୋଚନା କରିବେ। ଯଦିଓ ୩୯ ବର୍ଷୀୟ ଖ୍ୱାଜା ଅନ୍ତିମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ପ୍ଲେଇଂ ଇଲେଭେନ ପାଇଁ ଏକ ଦୃଢ଼ ଦାବିଦାର, ଆଶେସ ପରେ ତାଙ୍କ ରେଡ୍-ବଲ୍ କ୍ୟାରିୟରର ଭବିଷ୍ୟତ ଅନିଶ୍ଚିତ ରହିଛି। ଉସମାନ ଖ୍ୱାଜାଙ୍କ ସାମ୍ବାଦିକ ସମ୍ମିଳନୀ, ଯାହା ସକାଳ



୮ଟା ୧୫(ଅଷ୍ଟ୍ରେଲିୟ ସମୟ) ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ସ୍ଥିର ହୋଇଛି, ଶୁକ୍ରବାର ଆୟୋଜକ ଦଳର ପ୍ରଶିକ୍ଷଣ ଅଧିବେଶନ ପୂର୍ବରୁ ଅନୁଷ୍ଠିତ ହେବ। କ୍ରିକେଟ ଅଷ୍ଟ୍ରେଲିଆ ଏହି ସାମ୍ବାଦିକ ସମ୍ମିଳନୀରେ କିଏ ରହିବେ ତାହା ନିଶ୍ଚିତ କରିନାହିଁ, କିନ୍ତୁ ରିପୋର୍ଟ ଅନୁସାରେ ଖ୍ୱାଜା ଗଣମାଧ୍ୟମ ସହିତ କଥା ହେବେ। ଆସେସ ସିରିଜରେ ଖ୍ୱାଜାଙ୍କ ପ୍ରଦର୍ଶନ ଖରାପ ରହିଛି। ସେ ୨, ୮୨, ୪୦, ୨୯ ଏବଂ ୦ ରନ କରିଛନ୍ତି। ପର୍ଥରେ ପ୍ରଥମ ଟେଷ୍ଟରେ ସେ ପିଠିରେ ଆଘାତ ପାଇଥିଲେ ଏବଂ ବ୍ରିସବେନରେ ପରବର୍ତ୍ତୀ ମ୍ୟାଚ ହରାଇଥିଲେ। ପ୍ରାରମ୍ଭରେ ଆଶା କରାଯାଉଥିଲା ଯେ ଆଡିଲେଡରେ ତୃତୀୟ ଟେଷ୍ଟ ପାଇଁ ତାଙ୍କୁ ଦଳରୁ ବାହାର କରାଯିବ, କିନ୍ତୁ ମ୍ୟାଚ୍‌ର ସକାଳେ ଷ୍ଟିଭ୍ ସ୍ମିଥ୍ ଅସୁସ୍ଥ ହୋଇପଡ଼ିବାରୁ ଖ୍ୱାଜା ଦଳକୁ ଫେରିଥିଲେ। ଯଦି ସ୍ମିଥ ଫିଟ ହୋଇଥାନ୍ତେ, ଖ୍ୱାଜା ଖେଳି ନଥାନ୍ତେ। ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ମାଇକେଲ କ୍ଲାର୍କ ଆଗାମୀ ପଞ୍ଚମ ଆସେସ୍ ଟେଷ୍ଟ ପରେ ଅବସର ନେବା ବିଷୟରେ ବିଚାର କରିବାକୁ ଅଭିଜ୍ଞ ବ୍ୟାଟ୍ସମ୍ୟାନଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଏହା ଖ୍ୱାଜାଙ୍କ ପାଇଁ ଉଚ୍ଚ ସ୍ୱରରେ ତାଙ୍କ କ୍ୟାରିଅର ଶେଷ କରିବାର ଏକ ମହାନ ସୁଯୋଗ।

ମାଇକେଲ କ୍ଲାର୍କ ବିଶ୍ୱାସ କରନ୍ତି ଯେ ଏହା ଖ୍ୱାଜାଙ୍କ ଶେଷ ଟେଷ୍ଟ ମ୍ୟାଚ୍ ହେବ ଏବଂ ଆଶା କରନ୍ତି ଯେ ସେ ଏହି ମ୍ୟାଚ୍ ପରେ ଅବସର ନେବେ, ବିଶେଷତଃ ଏକ ବଡ଼ ସ୍କୋର ସହିତ। ସେ ଖ୍ୱାଜାଙ୍କ ପାଇଁ ସିଡନୀରେ ଶତକ ହାସଲ କରିବା ଏବଂ ସକାରାତ୍ମକ ଭାବରେ ଖେଳ ଛାଡ଼ିବା ପାଇଁ ତାଙ୍କର ଇଚ୍ଛା ପ୍ରକାଶ କରିଥିଲେ, ଅନେକ ଖେଳାଳିଙ୍କ ପାଇଁ ଏକ ବିରଳ ସୁଯୋଗ। ୨୦୧୧ରେ ଟେଷ୍ଟ ଡେବ୍ୟୁ କରିଥିବା ଖ୍ୱାଜା ୮୭ ଟେଷ୍ଟର ୧୫୭ ଇନିଂସରେ ୧୬ ଶତକ ଏବଂ ୨୮ ଅର୍ଦ୍ଧଶତକ ସହାୟତାରେ ୪୩.୩୯ ହାରରେ ୬,୨୦୬ ରନ କରିଛନ୍ତି।

# କ୍ରିକେଟ୍ : ହେଲମେଟରେ ପାଲେଷ୍ଟାଇନ୍ ପତାକାକୁ ନେଇ ବିବାଦ

**ଜମ୍ମୁ**

ଜମ୍ମୁରେ ଚାଲିଥିବା ଜମ୍ମୁ ଓ କଶ୍ମୀର ପ୍ରିମିୟର ଲିଗ୍ (ଜେକେପିଏଲ) ଏବେ ଖେଳ ଅପେକ୍ଷା ବିବାଦ ପାଇଁ ଅଧିକ ଚର୍ଚ୍ଚାରେ ଅଛି। ଗୋଟିଏ ମ୍ୟାଚ୍ ସମୟରେ ଜଣେ ଖେଳାଳି ନିଜ ହେଲମେଟରେ ପାଲେଷ୍ଟାଇନର ପତାକା ମାରିଥିବା ଦେଖାଯିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ହେଲମେଟରେ ପାଲେଷ୍ଟାଇନ ପତାକା ଲଗାଇଥିବା ଖେଳାଳିଙ୍କ ନାଁ ହେଉଛି ଫରକାନ ଭଟ୍ ଓ ସେ ଜେକେ-୧୧ ପକ୍ଷରୁ ଖେଳନ୍ତି। ଗତକାଲି ଜେକେ-୧୧ ଓ ଜମ୍ମୁ ଟ୍ରେଲବ୍ଲେଜର୍ସ ମଧ୍ୟରେ ଚାଲିଥିବା ଏକ ମ୍ୟାଚ ବେଳେ ଫରକାନ ନିଜ ହେଲମେଟରେ ପାଲେଷ୍ଟାଇନ ପତାକାର ଷ୍ଟିକର ମାରିଥିବା ଦେଖାଯାଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ଜମ୍ମୁ ପୁଲିସ ଘଟଣାକୁ ସଂବେଦନଶୀଳ ମନେ କରି ତଦନ୍ତ ଆରମ୍ଭ କରିଛି। ଜମ୍ମୁର ଡୋମାନା ପୁଲିସ ଏହି ଖେଳାଳି ଓ ଆୟୋଜକଙ୍କୁ ଥାନାକୁ ଡାକି ପଚରାଉଚୁରା କରୁଛି। ପୁଲିସ ମୁଖ୍ୟତଃ ଜାଣିବାକୁ ଚେଷ୍ଟାଚଳାଇଛି ଯେ ଖେଳର ଆୟୋଜକମାନେ କ୍ରୀଡ଼ା ବ୍ୟତୀତ ଅନ୍ୟ କୌଣସି ପ୍ରକାରର ପ୍ରତୀକ ଲଗାଇବାକୁ ଅନୁମତି ଦେଇଥିଲେ କି ଅଥବା ସଂପୃକ୍ତ ଖେଳାଳି ଏପରି କୌଣସି ଅନୁମତି ମାଗିଥିଲେ କି ? କ'ଣ ଏହି ଘଟଣା ଲିଗର ନିୟମାବଳୀ ଅନୁରୂପ ଥିଲା ? ଏହି ଘଟଣା ସଂବେଦନଶୀଳ ଥିବାରୁ ପୁଲିସ ସବୁ ଦିଗରୁ ତଦନ୍ତ ଚଳାଇଛି।

# ଯାଜପୁରରେ ସଡ଼କ ସୁରକ୍ଷା ଶୋଭାଯାତ୍ରା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଯାଜପୁର ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରୁ କୁସୁମା ଯାଏଁ ଏକ ସଡ଼କ ସୁରକ୍ଷା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ଏହି ଶୋଭାଯାତ୍ରାର ଉଦଘାଟନ କରିଥିଲେ। ଜାନୁଆରୀ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ପାଳନ ହେଉ ଥିବା ବେଳେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗକୁ ନେଇ ସଚେତନତା ରାଲି କରାଯାଇଛି। ଦ୍ରୁତ ଗତିରେ ଗାଡ଼ି ଚାଳନା, ମଦ୍ୟ ପାନ କରି ଗାଡ଼ି ଚଳାଇବା, ହେଲମେଟ ନ ପିନ୍ଧିବା, ମୋବାଇଲରେ କଥା ହୋଇ ଗାଡ଼ି ଚଳାଇବା ଇତ୍ୟାଦି ଦୁର୍ଘଟଣାର



ମୁଖ୍ୟ କାରଣ। ତେଣୁ ଏସବୁକୁ ରୋକିବା ପାଇଁ ଜନ ସଚେତନତା ସୃଷ୍ଟି କରା ଯାଉଛି। ରାଲି ମାଧ୍ୟମରେ ସଡ଼କ ସୁରକ୍ଷା ନିୟମାବଳୀ ପାଳନ କରିବା ପାଇଁ ଜନସାଧାରଣଙ୍କୁ ବାର୍ତ୍ତା ଦିଆଯାଇ ଥିଲା। ଏହି ସଚେତନତା ରାଲିରେ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଯାଜପୁର ଓ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାରେ ବ୍ୟାପକ ଭାବେ ଗାଡ଼ି, ମୋଟର ସାଇକେଲ ଆଦି ତନଖି କରାଯାଉଛି।

# ୨୦୨୬ କ୍ରୀଡ଼ା କ୍ୟାଲେଣ୍ଡର : ଟି-ଟ୍ୱେଣ୍ଟି ବିଶ୍ୱକପ, ଏସୀୟ କ୍ରୀଡ଼ା ଫିଫା ବିଶ୍ୱକପ୍‌ର ବର୍ଷ

୨୦୨୬ ବର୍ଷ କ୍ରୀଡ଼ା ପ୍ରେମୀଙ୍କ ପାଇଁ ଆଣିବ ଉତ୍ସାହ ଓ ଭରପୂର ମନୋରଞ୍ଜନ। ଭାରତୀୟ କ୍ରୀଡ଼ା ପ୍ରେମୀ ଦୁଇ ଦୁଇଟି ଟି-ଟ୍ୱେଣ୍ଟି ବିଶ୍ୱକପ (ପୁରୁଷ ଓ ମହିଳା)ର ମଜା ଉଠାଇବେ। ୧୯ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ ଜରିଆରେ ଅନେକ ନୂଆ ତାରକାଙ୍କ ଆବିର୍ଭାବ ଘଟିବ। ଖାଲି ସେତିକି ନୁହେଁ, ଚଳିତ ବର୍ଷ ରହିଛି ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭଳି ଲୋକପ୍ରିୟ ଅନ୍ତର୍ଜାତୀୟ ପ୍ରତିଯୋଗିତା। ଲୋକପ୍ରିୟତାରେ ଏଥର ସବୁ କ୍ରୀଡ଼ା ପ୍ରତିଯୋଗିତାକୁ ଟପିଯିବ ଫିଫା ଫୁଟବଲ୍ ବିଶ୍ୱକପ୍।

ଟି-ଟ୍ୱେଣ୍ଟି ବିଶ୍ୱକପ୍ (ପୁରୁଷ) : ଆଗାମୀ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଫେବୃୟାରୀ ୭ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ୮ ତାରିଖରେ ଶେଷ ହେବ। ୨୦୨୪ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମାଙ୍କୁ ଆଗାମୀ ସଂସ୍କରଣର ବ୍ରାଣ୍ଡ ଆମ୍ବାସଡ଼ର ନିଯୁକ୍ତ କରାଯାଇଛି।

୧୫ ତାରିଖରେ ବହୁ ପ୍ରତିକ୍ଷୀତ ଭାରତ-ପାକିସ୍ତାନ ମୁକାବିଲା ଖେଳାଯିବ। କଲମ୍ବୋ ସ୍ଥିତ ପ୍ରେମଦାସା ଷ୍ଟାଡ଼ିୟମରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ପାକିସ୍ତାନ ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ଗତ ସଂସ୍କରଣ ଭଳି ଏଥର ବିଶ୍ୱକପ୍‌ରେ ମଧ୍ୟ ୨୦ଟି ଦଳ ଭାଗ ନେଉଛନ୍ତି। ସମସ୍ତ ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ସ୍ଥାନ ପାଇଛନ୍ତି। ଭାରତ ଗ୍ରୁପ୍ ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ପାକିସ୍ତାନ, ନାମିବିୟା, ନେଦରଲାଣ୍ଡ୍ସ ଓ ୟୁଏସ୍‌ଏ ରହିଛନ୍ତି।

ସେହିପରି ଗ୍ରୁପ୍ ବି'ରେ ଅଷ୍ଟ୍ରେଲିଆ, ଆୟର୍ଲାଣ୍ଡ, ଓମାନ, ଶ୍ରୀଲଙ୍କା ଓ ଜିମ୍ବାୱେ ସ୍ଥାନ ପାଇଥିବାବେଳେ ଗ୍ରୁପ୍ ସି'ରେ ବାଂଲାଦେଶ, ଇଂଲଣ୍ଡ, ଇଟାଲୀ, ନେପାଳ, ୱେଷ୍ଟ ଇଣ୍ଡିଜ ଗ୍ରୁପ୍ ଡି'ରେ ଆଫଗାନିସ୍ତାନ, କାନାଡ଼ା, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୟୁଏଇ ରହିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୪ଟି ଲେଖାଏଁ ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇବେ।

ଫିଫା ବିଶ୍ୱକପ୍ (ଜୁନ ୧୨ରୁ ଜୁଲାଇ ୨୦) : ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜୁନ ମାସ ୧୨ ତାରିଖରୁ ଆରମ୍ଭ ହୋଇ ଜୁଲାଇ



ମାସ ୨୦ ତାରିଖରେ ଶେଷ ହେବ। ଆମେରିକା, କାନାଡ଼ା ଓ ମେକ୍ସିକୋ ମିଳିତ ଭାବେ ବିଶ୍ୱକପ୍ ଆୟୋଜନ କରିବେ। ପ୍ରଥମ ଥର ବିଶ୍ୱକପ୍‌ର ଦଳ ସଂଖ୍ୟା ୪୨ରୁ ୪୮କୁ ବୃଦ୍ଧି କରାଯାଇଛି। ବିଶ୍ୱର ସୁବୁଠୁ ଛୋଟ ଦେଶ ଭାବେ କୁରାକାଓ ଯୋଗ୍ୟତା ଅର୍ଜନ କରିଛି। ଦୀର୍ଘ ୫୨ ବର୍ଷ ପରେ ହାଇତି ପୁନର୍ବାର ବିଶ୍ୱକପ ଖେଳିବାକୁ ଯାଉଥିବାବେଳେ ଉଜ୍‌ବେକିସ୍ତାନ, ଜୋର୍ଡାନ ଓ କେପ ଭର୍ଡି ଅନ୍ୟ ନବାଗତ ଭାବେ ଆଗାମୀ ବିଶ୍ୱକପ୍ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ୧୯୭୪ ପରେ ହାଇତି ବିଶ୍ୱକପ ଖେଳିବାକୁ ଯାଉଥିବାବେଳେ ଅଷ୍ଟ୍ରିୟା, ନରୱେ ଓ ସ୍କଟଲାଣ୍ଡ ୧୯୯୮ ବିଶ୍ୱକପ୍ ପରେ ପୁନର୍ବାର ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକା ଓ କାତାର ପ୍ରଥମ କରି ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଉଭୟ ଦେଶ ଆୟୋଜକ ଭାବେ ବିଶ୍ୱକପ୍ ଖେଳିଥିଲେ।

ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ (ଜୁନ୍ ୧୨ରୁ ଜୁଲାଇ ୫) : ଚଳିତ ବର୍ଷ ଇଂଲଣ୍ଡ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଆୟୋଜନ କରିବ। ଐତିହାସିକ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଫାଇନାଲ୍ ଖେଳାଯିବ। ଏହାବ୍ୟତୀତ ୬ଟି ଗ୍ରାଉଣ୍ଡ ଏଜବାଷ୍ଟନ, ହାମ୍ପସାୟାର, ହେଡିଂଲେ, ଓଲ୍ଡ ଟ୍ରାଫୋର୍ଡ, ଓଭାଲ, ବ୍ରିଷ୍ଟଲ ସମସ୍ତ ମ୍ୟାଚ୍ ଆୟୋଜନ କରିବେ। ଏଥର ସର୍ବାଧିକ ୧୨ଟି ଦଳ ବିଶ୍ୱକପ୍‌ରେ ଭାଗ ନେବେ। ସମସ୍ତ ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତି ଗ୍ରୁପ୍‌ରେ ୬ଟି ଲେଖାଏଁ ଦଳ ସ୍ଥାନ ପାଇବେ।

ଫର୍ମୁଲା ୱାନ୍‌ରେ ୨୪ ରେସ୍ : ଫର୍ମୁଲା ୱାନ୍ ୨୦୨୬ ସିଜନର ରେସ୍ ସୂଚୀ ଘୋଷଣା କରାଯାଇଛି। ଚଳିତ ବର୍ଷ ମୋଟ୍ ୨୪ଟି ରେସ୍ ଆୟୋଜନ କରାଯିବ। ମାଦ୍ରିଦ ଗ୍ରାଣ୍ଡପ୍ରିକ୍ସ ପଦାର୍ପଣ କରିବାକୁ ଯାଉଛି। ସେପ୍ଟେମ୍ବରରେ ଏହି ରେସ୍ ଅନୁଷ୍ଠିତ ହେବ। ସବୁ ବର୍ଷ ଭଳି ଅଷ୍ଟ୍ରେଲିଆନ୍ ଗ୍ରାଁପ୍ରିରୁ ସିଜନ ଆରମ୍ଭ ହେବ। ମାର୍ଚ୍ଚ ୬ରୁ ୮ ତାରିଖ ମଧ୍ୟରେପ୍ରଥମ ରେସ୍ ଆୟୋଜିତ ହୋଇ ଡିସେମ୍ବର ୪ରୁ ୬ ତାରିଖ ମଧ୍ୟରେ ଆବୁଧାବି ଗ୍ରାଁପ୍ରି ସହ ସିଜନ ଶେଷ ହେବ। ଚଳିତ ବର୍ଷ ଅନେକ ନୂଆ ନିୟମ ଲାଗୁ।

ଏସୀୟ କ୍ରୀଡ଼ା (ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪) : ଚଳିତ ବର୍ଷ ଜାପାନର ନାଗୋୟା ସହର ଆୟୋଜନ କରିବ ଏସୀୟ କ୍ରୀଡ଼ା। ଆଗାମୀ ସେପ୍ଟେମ୍ବର ୧୯ରୁ କ୍ରୀଡ଼ା ଆରମ୍ଭ ହୋଇ ଅକ୍ଟୋବର ୪ ତାରିଖରେ ଶେଷ ହେବ। ଆୟୋଜକ ଏହି କ୍ରୀଡ଼ା ସମାରୋହ ପାଇଁ କିଞ୍ଜୋ ପିୟରରେ ଏକ କ୍ରୁଜ୍ ଜାହାଜରେ ସ୍ୱତନ୍ତ୍ର କ୍ରୀଡ଼ାଗ୍ରାମ୍ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଜାନୁଆରୀ:- ମହିଳା ପ୍ରିମିୟର ଲିଗ୍, ଇଣ୍ଡିଆ ଓପନ ବ୍ୟାଡମିଣ୍ଟନ-୭୫୦(ଜାନୁଆରୀ ୧୩ରୁ ୧୮), ମୁମ୍ବାଇ ମାରାଥନ, ହକି ଇଣ୍ଡିଆ ଲିଗ୍ (ଚେନ୍ନାଇ, ରାଞ୍ଚି, ଭୁବନେଶ୍ୱର), ଅଷ୍ଟ୍ରେଲିଆନ ଓପନ (ଜାନୁଆରୀ ୧୮ରୁ ଫେବୃୟାରୀ ୧) ୧୯ବର୍ଷରୁ କମ୍ ଦିନିକିଆ ବିଶ୍ୱକପ(ଜାନୁଆରୀ ୧୫ରୁ ଫେବ୍ରୁଆରୀ ୬),

ଫେବୃୟାରୀ :- ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ୍ (ପରୁଷ), ଡେଭିସ କପ୍ ଯୋଗ୍ୟତାପର୍ଯ୍ୟାୟ (ବେଙ୍ଗାଲୁରୁ), ଡବ୍ଲୁଟିଟି ଷ୍ଟାର କଣ୍ଟେଣ୍ଡର, ଏସୀୟ ସୁଟିଂ ଚାମ୍ପିଅନସିପ (ନୂଆଦିଲ୍ଲୀ), ଶୀତକାଳୀନ ଅଲିମ୍ପିକ୍ସ (ଫେବୃୟାରୀ ୬ରୁ ୨୨), ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ବିଶ୍ୱକପ୍ (୧୯ରୁ ୨୨)।

ମାର୍ଚ୍ଚ:- ଇଣ୍ଡିଆନ ଓପନ ସ୍କ୍ୱାଶ, ଇଣ୍ଡିଆନ ଓପନ ଗଲ୍ଫ, ଆଇପିଏଲ୍-୧୯। ଏପ୍ରିଲ:- ଏସୀୟ ଭାରୋତ୍ତୋଳନଚାମ୍ପିଅନସିପ୍ (ଅହମ୍ମଦାବାଦ), ଟୋକିଓ ମାରାଥନ, ତୀରନ୍ଦାଜୀ ବିଶ୍ୱକପ୍, ବିଶ୍ୱ ସୁକର ଚାମ୍ପିଅନସିପ। ମେ':- ଫ୍ରେଞ୍ଚ ଓପନ (ମେ' ୧୮ରୁ ଜୁନ୍ ୭) ୟୁରୋପା ଲିଗ୍ ଫାଇନାଲ୍ (ମେ' ୨୦)। ଜୁନ୍:- ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍(ଜୁନ ୧୨ରୁ ଜୁଲାଇ ୫), ୱିମ୍ବଲଡନ (ଜୁନ୍ ୨୯ରୁ ଜୁଲାଇ ୧୨), ଫିଫା ବିଶ୍ୱକପ (ଜୁନ ୧୨ରୁ ଜୁଲାଇ ୨୦)। ଜୁଲାଇ:- ରାଜ୍ୟଗୋଷ୍ଠୀ କ୍ରୀଡ଼ା(ଜୁଲାଇ ୨୩ରୁ ଅଗଷ୍ଟ ୨)। ଅଗଷ୍ଟ:- ବିଡବ୍ଲୁଏଫ ବିଶ୍ୱ ଚାମ୍ପିଅନସିପ (ନୂଆଦିଲ୍ଲୀ), ବିଶ୍ୱ ଆଥଲେଟିକ୍ କଣ୍ଟିନେଣ୍ଟାଲ୍ଟୁର (ରୌପ୍ୟ) : ଭୁବନେଶ୍ୱର, ହକି ବିଶ୍ୱକପ୍ (ଅଗଷ୍ଟ ୧୫ରୁ ୩୦), ୟୁଏସ ଓପନ(ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧୩)। ସେପ୍ଟେମ୍ବର :- ଏସୀୟ କ୍ରୀଡ଼ା (ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪)। ଅକ୍ଟୋବର:- ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିଅନସିପ୍, ମହିଳା ଇଣ୍ଡିଆନ ଓପନ ଗଲ୍ଫ, ବିଶ୍ୱ ଚାମ୍ପିଅନସିପ୍ ଭାରୋତ୍ତୋଳନ, ବିଶ୍ୱ ଚାମ୍ପିଅନସିପ୍ ଜିମ୍ନାଷ୍ଟିକ। ନଭେମ୍ବର:- ସୟଦ ମୋଦି ବ୍ୟାଡମିଣ୍ଟନ, ଡେଭିସ କପ୍ ଫାଇନାଲ୍। ଡିସେମ୍ବର:- ଗୌହାଟୀ ଓପନ, ଓଡ଼ିଶା ଓପନ, ବିଶ୍ୱ ଚାମ୍ପିଅନସିପ୍ ସନ୍ତରଣ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BHADRAK.
ee_rwbdk2@yahoo.co.in
O-1896
"e" Procurement Notice for Building Works
Identification Online Tender 23/RWD/BDK-II / 2025-26 Dtd. 29.12.2025

1. Name of the Work :-Building Works as per Annexure
2. Total Number of Works :-2 Nos
3. Approximate Estimated Cost :- Rs. 5.04 lakhs – Rs. 6.72 lakhs
4. Class of Contractor :- As Per Annexure
5. Period of Completion :- As Per Annexure
6. Other details : - The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer ,R.W. Division-II, Bhadrak | 23 | 05.01.2026 At 12.30 P.M. | 12.01.2026 up to 5.00 P.M | 12.01.2026 up to 3.00 P.M | 13.01.2026 at 11.00 A.M |

7. Further details can be seen from the e-procurement portal "https:// www.tendersorissa.gov.in"
8. Any other changes / Corrigendum may be seen only in website www.tendersorissa.gov.in
9. DATE OF TRANSPARENT LOTTERY TO BE CONDUCTED ON DT 21.01.2026 at 11.00 A.M IN THE OFFICE OF THE SUPERINTENDING ENGINEER, RURAL WORKS DIVISION –II, BHADRAK.

Sd/- Executive Engineer
R.W. Division-II, Bhadrak

GOVERNMENT OF ODISHA
DEPARTMENT OF FOREST, ENVIRONMENT & CLIMATE CHANGE
Bid Identification No. FE&CC-DFO (K.L) SBP- 04 / 2025-26
MM-457
OFFICE OF
THE DIVISIONAL FOREST OFFICER
SAMBALPUR KENDULEAVES DIVISION, SAMBALPUR
DETAILED TENDER CALL NOTICE
{Range Office-cum-Residence at Dhama (KL) Range under Sambalpur (K.L.) Division}

Name of the Work Tendered for : Construction of Range Office-cum-Residence at Dhama (KL) Range under Sambalpur (K.L.) Division.
Estimated Cost : Rs. 59,21,525/- (Excluding G.S.T.)
Date of sale & receipt of Tender : Start from 10.00 AM of 01.01.2026 & Close on 12.01.2026 at 4.30 PM

Sd/- Divisional Forest Officer
Sambalpur (K.L.) Division

ଭୁବନେଶ୍ୱର
୦୨ ଜାନୁଆରୀ,
ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ଜଗାଦର୍ଶନ ପାଇଁ ଶ୍ରୀମନ୍ଦିରରେ ଅସମ୍ଭାଳ ଭିଡ଼

**ପୁରୀ, ୦୧/୦୧ ନ୍ୟୁଜ ବ୍ୟୁରୋ**

ବିଦାୟ ନେଇଛି ବର୍ଷ ୨୦୨୫, ଆସିଛି ୨୦୨୬ । ସବୁଠି ଇଂରାଜୀ ନବବର୍ଷ ପାଇଁ ସମସ୍ତଙ୍କ ମନରେ ଉତ୍ସାହ, ଉଦ୍ଦୀପନା । ବର୍ଷର ଆରମ୍ଭ ଦିନରେ ଜଗା ଦୁଆରେ ପ୍ରଣିପାତ କରି ନୂଆ ଉତ୍ସାହ ସହ କିଛି ନୂଆ ଆରମ୍ଭ କରିବା ଉଦ୍ଦେଶ୍ୟରେ ପୁରୀକୁ ଛୁଟିଛନ୍ତି ଲକ୍ଷ ଲକ୍ଷ ଭକ୍ତ । ଶ୍ରୀମନ୍ଦିରଠାରୁ ସମୁଦ୍ର, ବଡ଼ଦାଣ୍ଡଠାରୁ ବେଳାମାର୍ଗ ସବୁଠି ଶ୍ରଦ୍ଧାଳୁଙ୍କ ସମାଗମ। ନବବର୍ଷ ଶୁଭମୟ ହେଉ ବୋଲି ମହାପ୍ରଭୁଙ୍କୁ ଗୁହାରି କରୁଛି ତ କିଏ ସୁନ୍ଦର ଅନୁଭୂତିରେ ବର୍ଷ ବିତିଥିବାରୁ କୃତଜ୍ଞତାର ଲୁହ ଝରାଉଛି । ନୂଆବର୍ଷ ନୀତିକାନ୍ତି ପାଇଁ ରାତି ୨ଟାରୁ ଶ୍ରୀମନ୍ଦିର ଦ୍ୱାର ଖୋଲିଛି । ନୀତିକାନ୍ତି ପରେ ଦର୍ଶନ ଚାଲିଛି ।



କେବଳ ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଦର୍ଶନ କରୁଛନ୍ତି। ମନ୍ଦିର ଭିତରେ ବାହାର କାଠରୁ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କେବଳ ଓଡ଼ିଶା ନୁହେଁ ରାଜ୍ୟ ବାହାରୁ ବି ଦର୍ଶକଙ୍କ ସମାଗମ ହୋଇଛି । ବିଶ୍ୱାସ ଅଛି ଜଗନ୍ନାଥଙ୍କ ଦର୍ଶନ କଲେ ପରିବାରର ମଙ୍ଗଳ କାମନା ହୁଏ । ନୂଆବର୍ଷ ସୁଖ ସମୃଦ୍ଧିରେ କଟିବାକୁ କାମନା କରୁଛନ୍ତି ଶ୍ରଦ୍ଧାଳୁ । ଶ୍ରୀଜୀଉଙ୍କ ଆଶିଷ ମିଳିଲେ ହସଖୁସିରେ ବର୍ଷ କଟିଯିବ ବୋଲି ବିଶ୍ୱାସ ରହିଛି।

# ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା : ମହାରାଜା କଂସଙ୍କ ଅତ୍ୟାଚାରରେ ମଥୁରାବାସୀ ତ୍ରାହି ତ୍ରାହି

**ବରଗଡ, ୦୧/୦୧ ନ୍ୟୁଜ ବ୍ୟୁରୋ**

ମଥୁରା ନଗରୀରେ ୭୮ତମ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅଷ୍ଟମ ଦିନରେ ପହଞ୍ଚିଛି। ଗୋଟେ ପଟେ ମହାରାଜ କଂସଙ୍କ ଅତ୍ୟାଚାରରେ ମଥୁରାବାସୀ ତ୍ରାହି ତ୍ରାହି ଡାକୁଥିବାବେଳେ କୃଷ୍ଣମୟ ହୋଇଯାଇଛି ଗୋପପୁର। ଅଷ୍ଟମ ଦିନରେ ଗୋପପୁରରେ ଦୃଷ୍ଟିଶକ୍ତି ହରାଇଥିବା ଜଣେ ବ୍ରାହ୍ମଣଙ୍କୁ ଶ୍ରୀକୃଷ୍ଣଙ୍କ ଚକ୍ଷୁଦାନ ଏବଂ ଶବରୀ ହାତରୁ ଅଇଁଠା କୋଳି ଖାଇବାର ଦୃଶ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅନ୍ୟପଟେ ଗୋପାଙ୍ଗନାଙ୍କୁ ହରଣ କରିଥିବା ଶଙ୍ଖଚୂଡ଼ ସର୍ପକୁ ଶ୍ରୀକୃଷ୍ଣ ବଧ କରି ଶଙ୍ଖମଣୀ ଉଦ୍ଧାର କରିବା ଦୃଶ୍ୟ ବେଶ ହୃଦୟସ୍ପର୍ଶୀ ହୋଇଥିଲା।



# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ନବ ନିଯୁକ୍ତ ମୁଖ୍ୟ ଶାସନ ସଚିବ




**ଭୁବନେଶ୍ୱର,୧/୧ ନ୍ୟୁଜ ବ୍ୟୁରୋ**

ନବବର୍ଷର ପ୍ରଥମ ଦିନରେ ଆଜି ଓଡ଼ିଶାର ନବ ନିଯୁକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟିଙ୍କୁ ଲୋକଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।ଏହି ସାକ୍ଷାତ ସମୟରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜ୍ୟପାଳଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ସାମଗ୍ରିକ ପ୍ରଗତିକୁ ପାଇଁ ପ୍ରମୁଖ ପ୍ରଶାସନିକ ପ୍ରାଥମିକତା,ଜାରି ରହିଥିବା ବିକାଶମୂଳକ ପଦକ୍ଷେପ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ରାଜ୍ୟପାଳଙ୍କ ସହିତ ଆଲୋଚନା କରିଥିଲେ। ପ୍ରଭାବଶାଳୀ ଶାସନ ସୁନିଶ୍ଚିତ କରିବା ପାଇଁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ପ୍ରଶାସନ ମଧ୍ୟରେ ସୁଗମ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋଚନା ମଧ୍ୟ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗଙ୍କ ଏହି ସୌଜନ୍ୟମୂଳକ ସାକ୍ଷାତ କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହ ଜନସେବା ପାଇଁ ପ୍ରଶାସନର ନିଷ୍ଠାପରତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏହି ଲକ୍ଷ୍ୟ ହାସଲ ପାଇଁ ଦଳଗତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ ଆଗାମୀ ବର୍ଷରେ ନିରନ୍ତର ବିକାଶ ଓ ଓଡ଼ିଶାବାସୀଙ୍କ ମଙ୍ଗଳ ଉପରେ ଗୁରୁତ୍ୱାରୋପ କରିଥିଲେ।

# 'ସମ୍ବାଦ କଳିକା' କାର୍ଯ୍ୟାଳୟରେ ଇଂରାଜୀ ନବବର୍ଷ ପାଳିତ

## କର୍ମଚାରୀଙ୍କ ପ୍ରତିବଦ୍ଧତାପୂର୍ଣ୍ଣ କାର୍ଯ୍ୟଦ୍ୱାରା ହିଁ 'ସମ୍ବାଦ କଳିକା' ରାଜ୍ୟର ଅଗ୍ରଣୀ ସମ୍ବାଦପତ୍ର ହୋଇପାରିଛି

**ଭୁବନେଶ୍ୱର ୧।୧ ନ୍ୟୁଜ ବ୍ୟୁରୋ**

ସମୟାନୁବର୍ତ୍ତିତା, ନିଷ୍ଠା, ପ୍ରତିବଦ୍ଧତା ଓ ସମର୍ପିତ ମନୋଭାବରେ କାର୍ଯ୍ୟ ଦ୍ୱାରା ହିଁ ରାଜଧାନୀ ଭୁବନେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ଖବର କାଗଜ 'ସମ୍ବାଦ କଳିକା' ଆଜି ରାଜ୍ୟର ଅନ୍ୟତମ ଅଗ୍ରଣୀ ଖବର କାଗଜର ମାନ୍ୟତାପ୍ରାପ୍ତ ହେବା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତାଲିକା ଭୁକ୍ତ ହୋଇପାରିଛି। ସାମଗ୍ରିକ ଭାବେ ଅନୁଷ୍ଠାନର ପ୍ରତ୍ୟେକ କର୍ମଚାରୀ ଓ ସାମ୍ବାଦିକ ଏହି ଶ୍ରେୟର ଅଧିକାରୀ ବୋଲି 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ ପ୍ରକାଶ କରିଛନ୍ତି।

ଇଂରାଜୀ ନବ ବର୍ଷ-୨୦୨୬ ଉପଲକ୍ଷେ ଗୁରୁବାର ପୂର୍ବାହ୍ନରେ 'ସମ୍ବାଦ କଳିକା' କାର୍ଯ୍ୟାଳୟ ପରିସରରେ କର୍ମଚାରୀ-ସାମ୍ବାଦିକମାନଙ୍କ ମିଳିତ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ କର୍ମଚାରୀମାନେ ସମ୍ପାଦକ ଶ୍ରୀ ରାୟଙ୍କୁ ନବବର୍ଷ ଉପଲକ୍ଷେ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବାସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ପାଦକ ଶ୍ରୀ ରାୟ ଏହି ଅବସରରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ସତ୍ୟ, ନିରପେକ୍ଷ ତଥା ଗଠନମୂଳକ ସମ୍ବାଦ ପରିବେଷଣ ଉପରେ 'ସମ୍ବାଦ କଳିକା' ସର୍ବଦା ପ୍ରାଥମିକତା ଦେଇଆସିଛି। ସକାରାତ୍ମକ ଚିନ୍ତା ଓ ଭାବନାରେ ଓଡ଼ିଶାର ସ୍ୱାର୍ଥ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ସମସ୍ୟାକୁ ଯଥାର୍ଥ ଭାବେ ଠିକଣା ଢଙ୍ଗରେ ପରିବେଷଣ କରିବାକୁ ଏକ 'ମିଶନ' ବା ଲକ୍ଷ୍ୟ ଭାବେ ମୂଳରୁ ସ୍ଥିର କରିଛି, ଆଜି ପର୍ଯ୍ୟନ୍ତ ଏହି ଲକ୍ଷ୍ୟ ପଥରୁ କେବେହେଲେ ବିଚ୍ୟୁତ ହୋଇନାହିଁ। କର୍ମଚାରୀମାନଙ୍କ ଅକୁଣ୍ଠ ସହଯୋଗ ଓ ଆନୁଗତ୍ୟତା ଏବଂ ଅନୁଷ୍ଠାନ ପ୍ରତି ପ୍ରତିବଦ୍ଧତା ରହିଥିବା ଯୋଗୁଁ ଅନେକ ଘାତ ପ୍ରତିଘାତ ଭିତରେ ମଧ ଏହି ଖବରକାଗଜ ଦୀର୍ଘ ୧୯ ବର୍ଷର ଯାତ୍ରା ସଫଳତାର ସହ ପୂର୍ଣ୍ଣ କରିପାରିଛି ବୋଲି କହିବା ସହ ଶ୍ରୀ ରାୟ ଏଥିପାଇଁ ସମସ୍ତ କର୍ମଚାରୀ ଓ ସାମ୍ବାଦିକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଇଂରାଜୀ ନବବର୍ଷ ଅବସରରେ ଶ୍ରୀ ରାୟ କର୍ମଚାରୀ ଓ ସାମ୍ବାଦିକମାନେ ଅଧିକ ନିଷ୍ଠାବାନ୍ ହେବା ସହ ଖବରକାଗଜର ମାନକୁ ବଢାଇବାରେ ସେମାନଙ୍କର ଭୂମିକା ନିର୍ବାହ କରିବାକୁ ଆହ୍ୱାନ ଜଣାଇଥିଲେ।



ଅନ୍ୟମାନଙ୍କ ମଧ୍ୟରେ "ସମ୍ବାଦ କଳିକାର" ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ସୁସାହିତ୍ୟିକା ତଥା ବରିଷ୍ଠ ସହ ସମ୍ପାଦିକା ଲକ୍ଷ୍ମୀ ଚାନ୍ଦ, ମିନାକ୍ଷୀ ବାରିକ ପ୍ରମୁଖ ନବବର୍ଷ ଅବସରରେ ଅନୁଷ୍ଠାନ ପ୍ରତି ନିଷ୍ଠାରସହ ଦାୟିତ୍ୱ ସମ୍ପାଦନ ଏବଂ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବାର୍ଷିକ ବୈଠକରେ ଲୋପାମୁଦ୍ରା ଘଡ଼େଇ, ଅନୀତା ପଟ୍ଟନାୟକ, ମଧୁସ୍ମିତା ବିଶ୍ୱାଳ, ଅର୍ଚ୍ଚିତା ଦାଶ, ବାସୁଦେବ ବାରିକ, ଜିତେନ୍ଦ୍ର ବେହେରା, ଶରତ କୁମାର ସାହୁ, ସୁରେଶ ବେଦାନ୍ତ, ନିରଞ୍ଜନ ସାହୁ, ମନୋଜ ମହାନ୍ତି, ବାବନ ସ୍ୱାଇଁ, ସଦାନନ୍ଦ ରଣା, ସୁନନ୍ଦିନୀ ଘୋଷ, ପରିମିତା ମହାପାତ୍ର, ଉମାକାନ୍ତ ଖୁଣ୍ଟିଆ, ପ୍ରେମାନନ୍ଦ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗିରଫ ଜାହାଜ ଏମ୍‌ଭି ଦ' ପାର୍ଟନକୁ ଛାଡ଼ିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୦୧/୦୧ ନ୍ୟୁଜ ବ୍ୟୁରୋ**

ପାରାଦୀପ ବନ୍ଦରରେ ଗିରଫ ଜାହାଜ ଏମ୍‌ଭି ଦ' ପାର୍ଟନକୁ ଛାଡ଼ିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏମ୍‌ଭି ଦ' ପାର୍ଟନ ଜାହାଜ କର୍ତ୍ତୃପକ୍ଷ ଆବେଦନକାରୀଙ୍କ ଦାବି ମୁତାବକ ୧ କୋଟି ୮୦ ଲକ୍ଷ ଟଙ୍କା ଦେବାକୁ ଆଜି ଅଦାଲତରେ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିଶ୍ରୁତି ଆଧାରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏମ୍. ଏସ୍. ରମଣ ଏହି ନିର୍ଦ୍ଦେଶ ଦେଇଛନ୍ତି । ଜଳଧି ଓଭରସିଜ୍ ପିଟିଇ ଲିମିଟେଡ୍ ପକ୍ଷରୁ ପ୍ରଥମେ ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା । ଏଥିରେ ଦର୍ଶାଯାଇଥିଲା ଯେ, ଜାହାଜ ଏମ୍ଭି ଦ' ପାର୍ଟନ ଉପରେ ୧କୋଟି ୮୦ଲକ୍ଷ ଟଙ୍କା ବାକି ପଡ଼ିଛି । ଏହି ଜାହାଜ ପାରାଦୀପ ବନ୍ଦରରେ ପହଞ୍ଚିଛି। ତେଣୁ ଏହି ଜାହାଜକୁ ଗିରଫ ପାଇଁ ଅଦାଲତ ଅନୁମତି ଦେବାକୁ ପ୍ରାର୍ଥନା କରାଯାଇଥିଲା । ହାଇକୋର୍ଟ ତୁରନ୍ତ ଜାହାଜକୁ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଜାହାଜକୁ ଗିରଫ କରାଯାଇ ପାରାଦୀପ ବନ୍ଦରରେ ଅଟକ ରଖାଯାଇଥିଲା । ଆଜି ଜାହାଜ କର୍ତ୍ତୃପକ୍ଷଙ୍କ ତରଫରୁ ହାଇକୋର୍ଟରେ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରାଯାଇଥିଲା । ଜଳଧି ଓଭରସିଜ୍ ପିଟିଇ ଲିମିଟେଡ୍ ପକ୍ଷରୁ ଦାବି ଅର୍ଥ ଦେବା ପାଇଁ ଜାହାଜ କର୍ତ୍ତୃପକ୍ଷ ରାଜି ବୋଲି ଅବଗତ କରାଯାଇଥିଲା। ଏହାପରେ ହାଇକୋର୍ଟ ଜାହାଜକୁ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜାହାଜ ଏମ୍ଭି ଦ' ପାର୍ଟନ ପକ୍ଷରୁ ଆଇନଜୀବୀ ଈଶ୍ୱର ମହାନ୍ତି ମାମଲା ପରିଚାଳନା କରୁଥିଲେ ।



# ୨୦୨୫ରେ ନନ୍ଦନକାନନକୁ ଆସିଛନ୍ତି ୪୦ଲକ୍ଷ ପର୍ଯ୍ୟଟକ




**ଭୁବନେଶ୍ୱର,୦୧/ ୦୧ ନ୍ୟୁଜ ବ୍ୟୁରୋ**

କ୍ୟାଲେଣ୍ଡର ବର୍ଷ ୨୦୨୫ରେ ନନ୍ଦନକାନନ ପରିଦର୍ଶକଙ୍କ ଆଗମନରେ ଏକ ଐତିହାସିକ ସଫଳତା ରେକର୍ଡ କରିଛି। ବର୍ଷ ମଧ୍ୟରେ ମୋଟ ୪୦,୨୦,୫୩୯ ପରିଦର୍ଶକ ନନ୍ଦନକାନନ ପରିଦର୍ଶନ କରିଥିଲେ, ଯାହା ଏକ କ୍ୟାଲେଣ୍ଡର ବର୍ଷରେ ରେକର୍ଡ ହୋଇଥିବା ସର୍ବାଧିକ ପରିଦର୍ଶକଙ୍କ ପରିସଂଖ୍ୟାନ ଅଟେ। ୨୦୨୫ କ୍ୟାଲେଣ୍ଡର ବର୍ଷରେ ସମସ୍ତ ଉତ୍ସରୁ ରାଜସ୍ୱ ସଂଗ୍ରହ ୨୩.୨୩ କୋଟି ଟଙ୍କା ଥିଲା, ଯାହା ୨୦୨୪ ମସିହାରେ ସଂଗୃହିତ ରାଜସ୍ୱ ତୁଳନାରେ ୧.୦୬ କୋଟି ଟଙ୍କା ଅଧିକ ଅଟେ। ସୂଚନାଥାଉକି, ଓଡ଼ିଶାର ପ୍ରମୁଖ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ପ୍ରତିବର୍ଷ ଲକ୍ଷାଧିକ ପରିଦର୍ଶକ ପରିଭ୍ରମଣ କରିବାକୁ ଆସନ୍ତି। ଏଠାକାର ବିଭିନ୍ନ ସଫାରୀରେ ଥିବା ଜୀବଜନ୍ତୁ ଦେଖିବାର ସୁଯୋଗ ମଧ୍ୟ ପାଆନ୍ତି। ଏହାସାଙ୍ଗକୁ ରୋପ୍ ୱେ ଏବଂ ଜଙ୍ଗଲ ଟୟ ଟ୍ରେନ୍ର ମଜା ମଧ୍ୟ ଉଠାନ୍ତି ପରିଦର୍ଶକ। ତେବେ ଦିନକୁ ଦିନ ନନ୍ଦନକାନନରେ ଲୋକଙ୍କ ଆଗମନକୁ ନଜରରେ ରଖି ରାଜ୍ୟ ସରକାର ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛନ୍ତି। ସମସ୍ତ ପ୍ରକାର ସୁବିଧାସୁଯୋଗ ପାଇବା ସାଙ୍ଗକୁ କିପରି ପ୍ରାଣୀ ଉଦ୍ୟାନର ଭରପୂର ମଜା ଉଠାଇପାରିବେ ଦର୍ଶକ, ସେଥିପାଇଁ ସରକାର ଭିନ୍ନ ଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ୨୦୨୫ରେ ନନ୍ଦନକାନନକୁ ସର୍ବକାଳୀନ ରେକର୍ଡ ସଂଖ୍ୟକ ପରିଦର୍ଶକଙ୍କ ଆଗମନ ନିଶ୍ଚୟ ଏକ ଶୁଭ ସଙ୍କେତ ଦେଉଛି।

**ବଜାରରେ ଉପଲବ୍ଧ...**

**"କଥାକଳିକା"**

**ନୂଆବର୍ଷ-୨୦୨୬ ସଂଖ୍ୟା**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** କମଳା ଶତପଥୀ
**ସମକାଳର କଥା :** ଶଶି ଭୂଷଣ ମହାନ୍ତି, ରୁମ୍‌ଝୁମ୍ ନାୟକ, ସୁଷମା ପରିଜା, ପ୍ରଭାତ ସିହ୍ନା, ଅରୁଣ କୁମାର ପଟ୍ଟନାୟକ, ଜାକିର ଖାନ୍, ଅନୁସୂୟା ପଣ୍ଡା, ବିଜୟ କୁମାର ସାହୁ, ଅଜୟ ପ୍ରଧାନ।
**ଅନ୍ୟ ଭାଷାର କଥା :** ଛବିରାଣୀ ପତି
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟ ଦର୍ଶନୀ ଦାସ, ସ୍ରୋତସ୍ୱିନୀ ପରିଡା, ସୁନନ୍ଦା ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

# ୨୦୨୬ରେ ନୂଆ ରୂପ ନେବ ଓଡ଼ିଶା ନୌବାଣିଜ୍ୟ ଇତିହାସ

- ଓଡ଼ିଶାରୁ ବାଲି ଯାତ୍ରା କରିବ ପାରମ୍ପରିକ ଜାହାଜ
- ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା କମିଟି ସଦସ୍ୟ ସଞ୍ଜୀବ ସାନ୍ୟାଲ୍‌ଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା
- ୨୦୨୬ କାର୍ତ୍ତିକ ପୂର୍ଣ୍ଣିମା ବେଳକୁ ଏ ଯାତ୍ରା ହେବାର ଯୋଜନା
- ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ମନେପକାଇବ 'ଆଇଏନ୍‌ଏସ୍‌ଭି କୌଣ୍ଡିନ୍ୟ'



**କଟକ,୦୧/୦୧ ନ୍ୟୁଜ ବ୍ୟୁରୋ**

ପ୍ରାଚୀନ କଳିଙ୍ଗରେ ସାଧବପୁଅମାନେ କେମିତି କରୁଥିଲେ ନୌବାଣିଜ୍ୟ ବିଶାଳ ସମୁଦ୍ର ପଥରେ କେମିତି ବୋଇତରେ ସାତଦରିଆ ପାର୍ ହେଉଥିଲେ କୌଣସି ପ୍ରକାର ଯନ୍ତ୍ରଚାଳିତ ବ୍ୟବସ୍ଥାର ସାହାରା ନନେଇ ଓଡ଼ିଶା ମାଟିରୁ ସାଧବ ପୁଅମାନେ ବାଣିଜ୍ୟ କରିବାକୁ କିଭଳି ଯାଉଥିଲେ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶକୁ ଏସବୁ କଥା ବହିରେ ପଢ଼ିଥିବା ଆଜିର ପିଢ଼ିଙ୍କୁ ଯଦି ଅତୀତର ଏହି ଦୃଶ୍ୟପଟକୁ ପୁଣି ଆଖିରେ ଦେଖିବାକୁ ସୁଯୋଗ ମିଳେ ତେବେ ସ୍ୱପ୍ନ ସତ ହେବା ଭଳି ଲାଗିବ। ତାହା ହିଁ ହେବ । ୨୦୨୬ କାର୍ତ୍ତିକ ପୂର୍ଣ୍ଣିମା ବେଳକୁ ଓଡ଼ିଶାର ନୌବାଣିଜ୍ୟ ପରମ୍ପରାର ଇତିହାସକୁ ପୁଣି ଥରେ ଆଖି ସାମ୍ନାକୁ ଆଣିବ 'ଆଇଏନ୍‌ଏସ୍‌ଭି କୌଣ୍ଡିନ୍ୟ' । ସିଲେଇ କୌଶଳ ଦ୍ୱାରା ପାରମ୍ପରିକ ଶୈଳୀରେ ନିର୍ମିତ ଏହି ଜାହଜ 'ଆଇଏନ୍‌ଏସ୍‌ଭି କୌଣ୍ଡିନ୍ୟ' କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଓଡ଼ିଶାରୁ ବାଲି ଦେଶକୁ ଯାତ୍ରା କରିବ ବୋଲି ଜାହାଜର ନିର୍ମାତା ତଥା ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା କମିଟି ସଦସ୍ୟ ସଞ୍ଜୀବ ସାନ୍ୟାଲ୍ କହିଛନ୍ତି । ଜାତୀୟ ସ୍ତରର ଏକ ଚର୍ଚ୍ଚିତ ପଡ୍‌କାଷ୍ଟ୍ରେ ବସି ସଞ୍ଜୀବ ଏଭଳି ମତ ଦେବା ପରେ ଓଡ଼ିଶାରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନିକଟରେ ଏହି ଜାହାଜ ଗୁଜରାଟର ପୋରବନ୍ଦରରୁ ଓମାନ୍‌ର ମସ୍କଟ ପର୍ଯ୍ୟନ୍ତ ଏକ ଐତିହାସିକ ଯାତ୍ରା ଆରମ୍ଭ କରିଛି । ଏହି ଯାତ୍ରା ଭାରତୀୟ ନାବିକମାନଙ୍କ ଦ୍ୱାରା ନିଆଯାଇଥିବା ଶହ ଶହ ବର୍ଷର ପୁରୁଣା ସମୁଦ୍ର ପଥକୁ ପୁନର୍ବାର ଅନୁସରଣ କରି, ଭାରତ ଏବଂ ଓମାନ ମଧ୍ୟରେ ଐତିହାସିକ ସାମୁଦ୍ରିକ ସଂଯୋଗକୁ ପ୍ରତିଷ୍ଠା କରିବ । ଓମାନ୍‌ରୁ ଫେରିବା ପରେ ଦ୍ୱିତୀୟ ଯୋଜନା ଓଡ଼ିଶାକୁ ନେଇ ରହିଛି । ଓଡ଼ିଶାରୁ ଦକ୍ଷିଣପୂର୍ବ ଏସିଆର ବାଲି ପର୍ଯ୍ୟନ୍ତ ଯାତ୍ରା କରିବ ଆଇଏନ୍‌ଏସ୍ଭି କୌଣ୍ଡିନ୍ୟ । ଓଡ଼ିଶାର ନୈବାଣିଜ୍ୟ ଇତିହାସ ଅତ୍ୟନ୍ତ ଗୌରବମୟ । ଏହି ସାମୁଦ୍ରିକ ବାଣିଜ୍ୟ ଖ୍ରୀଷ୍ଟପୂର୍ବ ୩୫୦ ବର୍ଷରୁ ଆରମ୍ଭ ହୋଇଥିବା ପ୍ରମାଣିତ ତଥ୍ୟରୁ ସୂଚନା ମିଳେ । କଳିଙ୍ଗର ବଣିକମାନେ (ସାଧବମାନେ) ବଙ୍ଗୋପସାଗର ପାର୍ ହୋଇ ଦକ୍ଷିଣ-ପୂର୍ବ ଏସିଆ ଯେମିତି ବାଲି, ଜାଭା, ସୁମାତ୍ରା, କାମ୍ବୋଡିଆ, ଭିଏତନାମ ସହିତ ଶ୍ରୀଲଙ୍କା, ଚୀନ ଏବଂ ଆଫ୍ରିକା ସହିତ ବାଣିଜ୍ୟ କରୁଥିବାର ଜଣାଯାଏ। ଓଡ଼ିଶାର ନୌବାଣିଜ୍ୟ ଇତିହାସର ପୃଷ୍ଠାରୁ ଏ ସମସ୍ତ ତଥ୍ୟ ମିଳୁଥିବା ବେଳେ ଏହି ସ୍ୱର୍ଣ୍ଣିମ ଇତିହାସକୁ ମନେ ପକାଇବାକୁ ଐତିହାସିକ ବାଲିଯାତ୍ରାର ଆୟୋଜନ କରାଯାଇଥାଏ । ଓଡ଼ିଶା ସହିତ ଦକ୍ଷିଣପୂର୍ବ ଏସିଆ ଅନ୍ତର୍ଭୁକ୍ତ ଦେଶଗୁଡ଼ିକର ନୌବାଣିଜ୍ୟ ସମ୍ପର୍କକୁ ନେଇ ଅନେକ କାର୍ଯ୍ୟକ୍ରମ କରାଯାଇଛି। ୨୦୨୪ ବାଲିଯାତ୍ରାରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତଙ୍କୁ ବାଲିଯାତ୍ରାକୁ ନିମନ୍ତ୍ରଣ କରାଯାଇଥିବା ବେଳେ ୨୦୨୫ ବାଲିଯାତ୍ରାରେ ଇଣ୍ଡୋନେସିଆକୁ 'ନେସନ୍ ପାର୍ଟନର' ଭାବେ ସମ୍ମାନ ପ୍ରଦାନ କରାଯାଇଥିଲା। ଏବେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା କମିଟି ସଦସ୍ୟ ସଞ୍ଜୀବ ସାନ୍ୟାଲ୍‌ଙ୍କ ଏହି ଟିପ୍ପଣୀ ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି ।